ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.158 Bhubaneswar Tuesday August 09 2022 ୨୫ତମ ବର୍ଷ ସଂଖ୍ୟା-୧୫୮ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୦୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଓଡ଼ିଶାରେ ହେବ ବିଜେପି ସରକାର: ଅମିତ ଶାହ




ଭୁବନେଶ୍ୱର,୮।୮(ପି.ଏନ): ଓଡ଼ିଶାରେ ହେବ ବିଜେପି ସରକାର। ରାଜ୍ୟରେ ଆମ ସରକାର ହେବାକୁ ଯାଉଛି। ସେହିଭଳି ନରେନ୍ଦ୍ର ମୋଦି ୨୦୨୪ରେ ଦୁଇ ତୃତୀୟାଂଶ ବହୁମତ ଭୋଟ୍ ?ରେ ଜିତିବେ। ଆଜି ଏମିତି ଭବିଷ୍ୟବାଣୀ କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ।ଭୁବନେଶ୍ୱରରେ ଆୟୋଜିତ ମୋଦିଅ୨୦-ଡ୍ରିମ୍ସ ମିଟ୍ ଡେଲିଭରି ପୁସ୍ତକର ଲୋକାର୍ପଣ ଉତ୍ସବରେ ଶାହ କହିଛନ୍ତି, ଦିନେ ଆମ ପାର୍ଟିକୁ ହିନ୍ଦୀ ଭାଷୀ ପାର୍ଟି ବୋଲି କୁହାଯାଉଥିଲା। ଏବେ ସାରା ଉତ୍ତର ପୂର୍ବାଞ୍ଚଳରେ ଆମ ପାର୍ଟିର ସରକାର ଚାଲିଛି। ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ରରେ ମଧ୍ୟ ଆମ ପାର୍ଟି ସରକାର ଶାସନ କରୁଛି। ଆଗକୁ ଓଡ଼ିଶାରେ ବି ବିଜେପି ସରକାର ହେବାକୁ ଯାଉଛି ବୋଲି ଶାହ କହିଛନ୍ତି ।ସେ ଆହୁରି କହିଛନ୍ତି, ଆମ ପାର୍ଟିକୁ ବେପାରୀ ଓ ବଣିଆଙ୍କ ପାର୍ଟି କୁହାଯାଉଥିଲା। କିନ୍ତୁ ଏବେ ସବୁଠାରୁ ଅଧିକ ଦଳିତ ସାଂସଦ ଆମ ପାର୍ଟିରେ ଅଛନ୍ତି। ଲଗାତାର ୨ ଥର ପ୍ରଧାନମନ୍ତ୍ରୀ ହୋଇଥିବା ନରେନ୍ଦ୍ର ମୋଦି ୨୦୨୪ରେ ଦୁଇ ତୃତୀୟାଂଶ ଭୋଟ୍‌ରେ ଜିତିବେ ଭବିଷ୍ୟବାଣୀ କରିଛନ୍ତି ଶାହ ।ସ୍ୱରାଷ୍ଟ୍ରମନ୍ତ୍ରୀ ଶାହ କହିଛନ୍ତି, ନିଜ ପରିବାର ଛାଡ଼ି ୧୩୦ କୋଟି ଲୋକଙ୍କ କଥା ଚିନ୍ତା କଲେ ଜଣେ ମୋଦି ହୋଇପାରିବ। ଜଣେ ବ୍ୟକ୍ତି ଯିଏ ୱାର୍ଡମେମ୍ବର ଓ ସରପଞ୍ଚ ନିର୍ବାଚନ ଲଢ଼ି ନଥିଲେ। ସେଭଳି ବ୍ୟକ୍ତିଙ୍କୁ ସିଧା ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦିଆଗଲା। ଅତ୍ୟନ୍ତ ସଫଳତାର ସହ ମୁଖ୍ୟମନ୍ତ୍ରୀ ଓ ପରେ ପ୍ରଧାନମନ୍ତ୍ରୀ ହେଲେ। ଲୋକଙ୍କ ବିଶ୍ୱାସକୁ ଚରିତାର୍ଥ କରି ସର୍ବାଧିକ ଲୋକପ୍ରିୟ ହୋଇପାରିଲେ ମୋଦି। ପରିବାରବାଦ, ତୁଷ୍ଟୀକରଣ ରାଜନୀତି ଓ ଭ୍ରଷ୍ଟାଚାରକୁ ସମାପ୍ତ କରାଯାଇଛି। ପ୍ରଥମ ଦଫାରେ ଜଣେ ଗରିବ ଦଳିତ ଓକିଲଙ୍କୁ ରାଷ୍ଟ୍ରପତି କରାଇଲେ ପରେ ଆଦିବାସୀ ମହିଳାଙ୍କୁ ମହାମହିମ କରାଇଲେ। ତାଙ୍କ ଚିନ୍ତାଧାରା ସର୍ବଦା ଊର୍ଦ୍ଧ୍ୱଗାମୀ ହୋଇଥିବାରୁ ସେ ସଫଳ ବୋଲି ଶାହ କହିଛନ୍ତି।

# ପ୍ରକାଶ ପାଇଲା ଯୁକ୍ତ-୨ କଳା ପରୀକ୍ଷା ଫଳ

ଭୁବନେଶ୍ୱର, ୮।୮(ପି.ଏନ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଯୁକ୍ତ-୨ କଳା ସ୍ରୋତର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷା ଫଳକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ପରିଷଦର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର କୃତୀ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଛାତ୍ରଛାତ୍ରୀମାନଙ୍କୁ ନୂତନ ଉତ୍ସାହ ଓ ଉଦ୍ଦୀପନା ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଚଳିତ ବର୍ଷ କଳା ସ୍ରୋତରେ ଯୁକ୍ତ-୨ ପରୀକ୍ଷା ଦେବା ପାଇଁ ୨୧୩୪୦୬ ଜଣ ଛାତ୍ରଛାତ୍ରୀ ପଂଜୀକରଣ କରିଥିବାବେଳେ ୨୦୮୬୩୧ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରେ ୯୦୨୦୭ ଜଣ ଛାତ୍ର ଏବଂ ୧୧୮୪୨୪ ଜଣ ଛାତ୍ରୀ ରହିଛନ୍ତି । ଚଳିତ ବର୍ଷ ୧୭୧୨୮୮ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ପାସ ହାର ୮୨.୧୦% ରହିଛି । ଛାତ୍ରମାନଙ୍କ ପାସ ହାର ୭୫.୦୮% ଏବଂ ଛାତ୍ରୀମାନଙ୍କ ପାସ ହାର ୮୭.୪୫% ରହିଛି । ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ୬୨୭୩୪, ଦ୍ୱିତୀୟ ଶ୍ରେଣୀରେ ୪୧୧୯୩ ଏବଂ ତୃତୀୟ ଶ୍ରେଣୀରେ ୬୭୩୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ସର୍ବାଧିକ ୮୭.୮୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ବର୍ଷ ଧନ୍ଦାମୂଳକ ଶିକ୍ଷାରେ ଯୁକ୍ତ-୨ ପରୀକ୍ଷା ଦେବା ପାଇଁ ରାଜ୍ୟର ୫୮୬୪ ଜଣ ଛାତ୍ରଛାତ୍ରୀ ପଂଜୀକରଣ କରିଥିବାବେଳେ ୫୬୭୩ ଜଣ ପରୀକ୍ଷା ଦେଇଥିଲେ । ପରୀକ୍ଷା ଦେଇଥିବା ୨୯୮୫ ଛାତ୍ରଙ୍କ ମଧ୍ୟରୁ ୧୯୨୮ ଜଣ ପାସ କରିଥିବାବେଳେ ୨୬୮୮ ଜଣ ଛାତ୍ରୀଙ୍କ ମଧ୍ୟରୁ ୨୦୦୯ ଜଣ ପାସ୍ କରିଛନ୍ତି । ଚଳିତ ବର୍ଷ ୩୯୯୧ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷର ପାସ୍ ହାର ୭୦.୩୫% ରହିଛି । ଚଳିତ ବର୍ଷ ଛାତ୍ରମାନଙ୍କ ପାସ ହାର ୬୬.୩୯% ଓ ଛାତ୍ରୀମାନଙ୍କ ପାସ ହାର ୭୪.୭୩% ରହିଛି । ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ୧୫୪୮, ଦ୍ୱିତୀୟ ଶ୍ରେଣୀରେ ୧୮୮୯ ଏବଂ ତୃତୀୟ ଶ୍ରେଣୀରେ ୫୩୮ ଜଣ ପାସ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ସର୍ବାଧିକ ୯୩.୮୯% ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏହି ପରୀକ୍ଷା ଫଳ www.oPiUUyreUS...Unicin ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି । ପରୀକ୍ଷାର୍ଥୀମାନେ ହେଲ୍‌ପ ଲାଇନ ନଂ- ୦୬୭୪-୨୩୦୧୦୯୮ରୁ ମଧ୍ୟ ଆବଶ୍ୟକୀୟ ସୂଚନା ପାଇପାରିବେ । ପରୀକ୍ଷା ଫଳ ଉନ୍ମୋଚନ ସମୟରେ ପରିଷଦର ଉପାଧ୍ୟକ୍ଷ ଶ୍ରୀ ତୁଷାରକାନ୍ତି ତ୍ରିପାଠୀ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ଶ୍ରୀ ରଘୁରାମ ଆୟାର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଚିନ୍ମୟୀ କହଁର ଓ ପରୀକ୍ଷା ନିୟନ୍ତ୍ରକ ଡ. ଅଶୋକ କୁମାର ନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ କଟକ ସିଟି ଓ ଜିଏସଟିର ଅତିରିକ୍ତ କମିଶନର

କଟକ, ୮।୮(ପି.ଏନ): ଭିଜିଲାନ୍ସ ଜାଲରେ ପଡିଛନ୍ତି କଟକ ସିଟି ଓ ଜିଏସଟିର ଅତିରିକ୍ତ କମିଶନର ପୀୟୂଷକାନ୍ତ ପାଣି । ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ତାଙ୍କ ଘରେ ଓ କାର୍ଯ୍ୟାଳୟରେ ଚଢ଼ଉ କରିଛି ଭିଜିଲାନ୍ସ । ତାଙ୍କର ଯାଜପୁର ସ୍ଥିତ ଘର ସମେତ କଟକ ଓ ଭୁବନେଶ୍ୱରରେ ଏକକାଳୀନ ଚଢ଼ଉ ହୋଇଛି ।

## ରାଜ୍ୟର ୧୬ଟି ସ୍ଥାନରେ ପ୍ରବଳ ବର୍ଷା

ଡାବୁଗାଁ ଠାରେ ସର୍ବାଧିକ ତଥା ଅତ୍ୟନ୍ତ ପ୍ରବଳ ବର୍ଷା ୨୨୫ ମି.ମି.

ଭୁବନେଶ୍ୱର, ୮।୮(ପି.ଏନ): ସକ୍ରିୟ ମୌସୁମୀ ତଥା ସୁଦୃଶଃ ଲଘୁଚାପ କ୍ଷେତ୍ର ପ୍ରଭାବରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଠାରେ ସର୍ବାଧିକ ତଥା ଅତ୍ୟନ୍ତ ପ୍ରବଳ ବର୍ଷା ୨୨୫ ମି.ମି. ବର୍ଷା ରେକର୍ଡ଼ କରାଯାଇଛି । ଗତ ୨୪ ଘଂଟାରେ ରାଜ୍ୟରେ ପ୍ରମୁଖ ୭ଟି ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୧୬ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । ରାଜ୍ୟରେ ପ୍ରମୁଖ ୭ଟି ସ୍ଥାନ ନବରଙ୍ଗପୁରର ଡାବୁଗାଁରେ ୨୨୫ ମି.ମି., ନବରଙ୍ଗପୁରର ପାପଡାହାଣ୍ଡିରେ ୧୯୦.୦ ମି.ମି., କୋରାପୁଟର କୋଟପାଡରେ ୧୯୪.୦ ମି.ମି., କୋରାପୁଟର ପଟାଙ୍ଗି ୧୪୯.୦ ମି.ମି., ନବରଙ୍ଗପୁରର କୋଷାଗୁମୁଡ଼ା ୧୪୫.୦ ମି.ମି., କଳାହାଣ୍ଡିର ଜୁନାଗଡରେ ୧୪୪.୦ ମି.ମି., ନବରଙ୍ଗପୁର ୧୩୭.୬ ମି.ମି., ମାଲକାନଗିରିର ମାଥିଲିରେ ୧୩୧.୦ ମି.ମି. ବର୍ଷା ରେକର୍ଡ଼ କରାଯାଇଛି ।

## ୧ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୩ ଗିରଫ

କେନ୍ଦ୍ରାପଡ଼ା, ୮।୮(ପି.ଏନ): କେନ୍ଦ୍ରାପଡ଼ା ଟାଉନ୍ ଥାନା ପୋଲିସ ବଡ଼ହାଟ ଅଂଚଳରୁ ୧ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି । ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ

ଭୁବନେଶ୍ୱର. ୮।୮(ପି.ଏନ):ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସୋମବାର ଦିନ ଶ୍ରୀଲିଙ୍ଗରାଜ ମନ୍ଦିରରେ ପହଂଚି ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଲୋକସଭା ସଦସ୍ୟ ଅପରାଜିତା ଷଡ଼ଙ୍ଗୀ, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ରାଷ୍ଟ୍ରୀୟ ପ୍ରବକ୍ତା ଡାକ୍ତର ସମ୍ବିତ ପାତ୍ର ଓ ଜିଲ୍ଲା ବିଜେପି ସଭାପତି ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ଭିତରେ ସେ ସର୍ବପ୍ରଥମେ ଶ୍ରୀଗଣେଶଙ୍କୁ ଦର୍ଶନ କରିଥିଲେ। ତାପରେ ଶ୍ରୀଲିଙ୍ଗରାଜଙ୍କର ପୂଜାର୍ଚ୍ଚନା କରିଥିଲେ । ସେଠାରେ ସେ ଜଳାଭିଷେକ ମଧ୍ୟ କରିଥିବା ଜଣା ପଡିଛି । ଶ୍ରୀ ଶାହ ବେଢ଼ା ପରିକ୍ରମା କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି ।ସେ ଦଶର୍ନାର୍ଥୀ ଖାତାରେ ସ୍ୱାକ୍ଷର କରି ମନ୍ଦିରରୁ ବାହାରିଥିଲେ। ଏ ସମ୍ପର୍କରେ ସେ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ଶ୍ରାବଣ ମାସରେ ଭୁବନେଶ୍ୱରର ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିରରେ ମହାଦେବଙ୍କ ଦର୍ଶନ ଲାଭ କରି ଅତ୍ୟନ୍ତ ଆନନ୍ଦିତ। ଏହି ମନ୍ଦିର ହେଉଛି ଭାରତୀୟ ସଂସ୍କୃତିର ଏକ ଐତିହାସିକ ସ୍ଥଳୀ, ଯେଉଁଥିରେ ପ୍ରତ୍ୟେକଟି ଶିଳା ଉପରେ ନିର୍ମିତ କଳାକାରୀ ପ୍ରାଚୀନ ଭାରତୀୟ କାରିଗରୀର ଅଦ୍ଭୁତ ଚମତ୍କାରକୁ ବହନ କରୁଛି ।ଏହା ପରେ ଶ୍ରୀଲିଙ୍ଗରାଜ ମନ୍ଦିରରୁ ବାହାରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ବାସଭବନକୁ ଯାଇ ଏବଂ ସେଠାରେ ଚା ଓ ଜଳପାନ କରିଛନ୍ତି। ସମୀର ମହାନ୍ତିଙ୍କ ପୁରୁଣା ଭୁବନେଶ୍ୱର ବାସଭବନରେ ଶ୍ରୀ ଶାହା ପହଂଚିବା ପରେ ତାଙ୍କୁ ଉତରୀୟ ଦେଇ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇଥିଲା। ଏଠାରେ ମଧ୍ୟ ରାଜ୍ୟ ବିଜେପିର ବହୁ ନେତା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ସାବଧାନ: ୧୬ରୁ ହେବ ସ୍ପେଶାଲ୍ ଡ୍ରାଇଭ୍



ଭୁବନେଶ୍ୱର : ବନା ହେଲମେଟ୍‌ରେ ଗାଡ଼ି ଚଳାଉଥିଲେ ସାବଧାନ ହୋଇ ଯାଆନ୍ତି। କାରଣ ଅଗଷ୍ଟ ୧୬ରୁ ୩୦ ତାରିଖ ଯାଏଁ ସ୍ପେଶାଲ୍ ଡ୍ରାଇଭ କରିବାକୁ ଯାଉଛି ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି(ଏସ୍‌ଟିଏ)। ରାଜ୍ୟରେ ଦେଇଯାଇଥିବା ସବୁ ଜାତୀୟ ରାଜପଥ ଓ ରାଜପଥରେ ଝଞ୍ଜଇ ପକ୍ଷରୁ ସ୍ପ ?ଶାଲ ଡ୍ରାଇଭ କରାଯିବ। ସ୍ପେଶାଲ ଡ୍ରାଇଭ ବେଳେ ବାଇକରେ ୩ ଜଣ ଯିବା ଧରାପଡ଼ିଲେ ଦଣ୍ଡିତ ହେବେ। ୧୮ ବର୍ଷରୁ କମ୍ ପିଲା ଗାଡ଼ି ଚଳାଉ ଥିଲେ ମଧ୍ୟ ଦଣ୍ଡିତ ହେବେ। ହେଲମେଟ୍ ପିନ୍ଧି ନ ଥିଲେ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଠିକ୍ ସେହିପରି ପିଲଅନ୍ ରାଇଡର ହେଲମେଟ୍ ପିନ୍ଧି ନ ଥିଲେ ଚାଳକଙ୍କ ଲାଇସେନ୍ସ ୩ ମାସ ବାତିଲ କରାଯିବ ବୋଲି ଏସ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି।୨୦୨୧ ମସିହାରେ ବାଇକ୍ ଦୁର୍ଘଟଣାରେ ୧୩୦୮ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଭିତରୁ ୮୬୮ ଜଣ ବାଇକ୍ ଚାଳକ ହୋଇଥିବା ବେଳେ ୪୪୦ ଜଣ ପିଲଅନ୍ ଥିଲେ। ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ସମସ୍ତ ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧି ନଥିଲେ। ଠିକ୍ ସେମିତି ବାଇକ୍ ଦୁର୍ଘଟଣାରେ ୧୨୮୦ ଜଣ ଗୁରୁତର ଆହତ ହୋଇଥିବା ବେଳେ ୭୪୭ ଜଣ ସାମାନ୍ୟ ଆହତ ହୋଇଛନ୍ତି ।ସୂଚନାରୁ ପ୍ରକାଶ, ଦୁର୍ଘଟଣା ରୋକିବା ପାଇଁ ବାଇକ୍ ? ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କ ହେଲ୍‌ମେଟ୍ ବାଧ୍ୟତାମୂଳକ କରାଯାଇଛି। ଏହା ସତ୍ତ୍ୱେ କେତେକ ବେପରୁଆ ବ୍ୟକ୍ତି ବିନା ହେଲ୍‌ମେଟ୍ ଦ୍ରୁତ ଗତିରେ ଗାଡି ଚଳାଉଛି। ଯାହାଫଳରେ ସେମାନେ ଦୁର୍ଘଟଣାରେ ପଡିବା ସହିତ ଅନ୍ୟକୁ ମୃତ୍ୟୁ ମୁହଁକୁ ଠେଲି ଦେଉଛନ୍ତି। ଠିକ୍ ? ସେମିତି କେତେକ ଶିକ୍ଷକ ଅଭିଭାବକ ବେପରୁଆ ଭାବେ ନିଜର ପିଲାଙ୍କୁ ଗାଡି ଚଳାଇବାକୁ ଦେଇଦେଉଛନ୍ତି। ସେମାନେ ଦ୍ରୁତ ଗତିରେ ଗାଡି ଚଳାଇ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଏହା ଉପରେ ରୋକ ଲଗାଇବା ପାଇଁ ଏସ୍‌ଟିଏ ଏପରି ସ୍ପେଶାଲ୍ ଡ୍ରାଇଭ୍ କରିବାକୁ ଯାଉଛି।

# ଖଡ଼ିପଦା ହାଇସ୍କୁଲର ମଧ୍ୟାହ୍ନ ଭୋଜନ ରୋଷେଇ ଘଟଣାର ଏବିଇଓଙ୍କ ତଦନ୍ତ

ଭଦ୍ରକ, ୮।୮(ପି.ଏନ): ଏହି ଜିଲାର ଧାମନଗର ଥାନା ଅନ୍ତର୍ଗତ ଖଡ଼ିପଦା ସ୍ଥିତ ଖଡ଼ିପଦା ହାଇସ୍କୁଲର ମଧ୍ୟାହ୍ନଭୋଜନ ରୋଷେଇର ଅନିୟମିତତା ନେଇ କେତେକ ବ୍ୟକ୍ତି ଅଭିଯୋଗ କରିଥିବାବେଳେ ଧାମନଗର ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ଅନିଲ କୁମାର ବଳ ଓ ସିଆରସିସି ସେକ୍ ସାମସୁଦ୍ଦିନ୍ ଘଟଣାର ତଦନ୍ତ କରିବା ସହ ଏସ୍‌ଏଚ୍‌ଜି ଗୃପ, ରୋଷେୟା, ପ୍ରଧାନ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ନେଇ ସମସ୍ୟାର ସମାଧାନ କରାଯାଇଥିଲା। ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟର ଶନିବାର ଦିନ ବିଦ୍ୟାଳୟରେ ମଧ୍ୟାନଭୋଜନ ରୋଷେଇ ନହୋଇ ପିଲମାନଙ୍କୁ ବିସ୍କୁଟ ଦିଆଯାଇଥିବାର ଅଭିଯୋଗ ହୋଇଥିଲା। ଏନେଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ପହଂଚିବା ପରେ ଘଟଣାର ତଦନ୍ତ କରିଥିଲେ। ପରେ କୌଣସି ସତ୍ୟତା ନଥିଲା। ବିଦ୍ୟାଳୟର ରୋଷେଇ ବାହାରେ ହେଉଥିବାରୁ ସେଦିନ ବର୍ଷା ହୋଇଥିବାରୁ ରୋଷେଇ ହୋଇପାରିନଥିଲା। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ସମ୍ପୃକ୍ତ ଗୃପ୍‌କୁ ପଚାରିବା ପରେ ବିଳମ୍ବ ହୋଇଥିବାରୁ ଛାତ୍ର ଛାତ୍ରୀଙ୍କୁ ବିସ୍କୁଟ ଦିଆଯାଇଥିଲା ଏବଂ ଏବିଇଓ ଘଟଣା ସ୍ଥଳ ପରିଦର୍ଶନ କରି ସେଠାରେ ଏକ ଗୃହରେ ରୋଷେଇ କାର୍ଯ୍ୟ କରିବା ସହ ବିଭିନ୍ନ ନିୟମ କାନୁନ୍ ସମ୍ପର୍କରେ ଏସ୍‌ଏଚ୍‌ଜି ଗୃପ ଓ ରୋଷେୟାଙ୍କୁ ଅବଗତ କରାଇଥିଲେ। ପର ର୍ବ ସମୟରେ କୌଣସି ଅସୁବିଧା ଘଟିଲେ ସିଧାସଳଖ ଭାବେ ପ୍ରଧାନ ଶିକ୍ଷକଙ୍କୁ ଜଣାଇବା ପାଇଁ ଏବିଇଓ ପରାମର୍ଶ ଦେଇଥିଲେ।

## ସରକାରଙ୍କ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୮।୮(ପି.ଏନ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଉପରେ ଏକ ସଚେତନତା କାଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣ ଜୟପୁର ଦ୍ୱାରା ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ଅନ୍ତର୍ଗତ କୁନ୍ତରଖାଲର ମିଶନ ଶକ୍ତି ଭବନ ଠାରେ ଏହି ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାଧିକରଣ ସମ୍ପାଦକ ସୁମନ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।

# କିସ୍: +୨ କଳାରେ ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୮।୮: ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। କଳାରେ ରାଜ୍ୟର ପାସ୍ ହାର ୮୨.୧୦ ପ୍ରତିଶତ ରହିଥିବା ବେଳେ କିସ୍‌ର ହାର ଶତ ପ୍ରତିଶତ ରହିଛି। କିସ୍ ଛାତ୍ରୀ ଲକ୍ଷ୍ମୀ ଡାକା ପ୍ରାସ୍‌କା ସର୍ବାଧିକ ୭୦ ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଛନ୍ତି। ଆଶାନୁରୂପ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ଅଧିକାଂଶ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ବହୁ ଅସୁବିଧା ମଧ୍ୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଶ୍ରମ ଯୋଗୁଁ ଏହି ସଫଳତା ମିଳିପାରିଛି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୋଭିଡ୍ ସମୟରେ କିସ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନିୟମିତ ମାର୍ଗଦର୍ଶନ ଓ ଛାତ୍ରଛାତ୍ରୀଙ୍କ ପରିଶ୍ରମ ସେମାନଙ୍କୁ ସଫଳତା ଆଣି ଦେଇଛି ବୋଲି କହିଛନ୍ତି।

## ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଚତୁର୍ଥ ଥର ବିମାନ ଉଡାଣ

ଜୟପୁର, ୮।୮(ପି.ଏନ): ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଚତୁର୍ଥ ଥର ପାଇଁ ବିମାନ ଉଡାଣ ଭରିଛି । ପରୀକ୍ଷାମୂଳକ ଭାବେ ୯ସିଟ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ଉଡାଣ କରିଛି । ଘରୋଇ ଇଣ୍ଡିଆ ୱାନ ଏୟାରର ଅଧିକାରୀ ମାନେ ଜୟପୁର ଏୟାରପୋର୍ଟରେ ପହଂଚି ଉଡାଣ ବେଳେ କ'ଣ ସମସ୍ୟା ରହିଛି ତାର ସମୀକ୍ଷା କରିଛନ୍ତି । ଏହା ସହ କୋରାପୁଟ ଜିଲା ଏକ ପାହାଡିଆ ଅଂଚଳ ହୋଇଥିବାରୁ ପାଇଲାଟ ମାନଙ୍କୁ ଉପର ମ୍ୟାପକୁ ଜାଣିବା ସହ ସମସ୍ତ ଦିଗକୁ ଜାଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଭିତିଭୂମିର ସୁଧାର ପରେ ହିଁ ନିୟମିତ ଯାତ୍ରୀ ସେବା ଆରମ୍ଭ ହେବ । ବର୍ତମାନ ସୁଦ୍ଧା ଡିଜିସିଏ ଅନୁମତି ଦେଇ ନଥିବା ବେଳେ ଖୁବ ଶିଘ୍ର ଜୟପୁର ଏୟାରପୋର୍ଟରୁ ଯାତ୍ରୀବାହି ବିମାନ ଉଡିବା ଆଶା କରାଯାଉଛି ।

# ବଡ ପୁଅର ମିଛ ମାମଲାରେ ଛନ୍ଦିହୋଇ ବାର ଦ୍ୱାର ହେଉଛନ୍ତି ବୃଦ୍ଧା ମାଆ !



ଯାଜପୁର,୮।୮(ପି.ଏନ): "ପୁଅ ଜନମ କରିଥିଲି, ମାର ଧର କଲା। ଏ ବୟସରେ ଥାନାରେ ପୂରାଇଲା।" ଇଏ ହେଉଛି ଜଣେ ୮୬ ବର୍ଷ ବୟସ୍କା ମାଆର କୋହ। ଘରର ସମସ୍ତ ସମ୍ପତ୍ତି ହାତେଇବା ପାଇଁ ବଡ ପୁଅ, ତା' ମାଆକୁ ତଡିଦେବା ସହିତ ଥାନାରେ ମିଥ୍ୟା ମାମଲା କରିଛି। ମାମଲାରେ ଛନ୍ଦି ହେବା ପରେ ବାର୍ଦ୍ଧକ୍ୟ ଅବସ୍ଥାରେ ଥାନା ଦୌଡୁଛନ୍ତି ସୁଲୋଚ୍ଚନା ଧଳ।ଯାଜପୁର ଜିଲ୍ଲା ଜଳକା ଗାଁର ଗୋପୀନାଥ ଧଳଙ୍କର ୧୦ ବର୍ଷ ତଳେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀ ସୁଲୋଚ୍ଚନା ଧଳ ବଡ ପୁଅ ଅଭିମନ୍ୟୁ ଧଳଙ୍କ ପାଖକୁ ଚାଲି ଯାଇଥିଲେ। ସେଠାରେ ତାଙ୍କ ପାଖରେ ରହୁଥିଲେ। ମାଆଙ୍କୁ ପୋଷିବା ବେଳେ ତାଙ୍କର ସମ୍ପତ୍ତି ଉପରେ ବଡ଼ ପୁଅର ନଜର ରଖିଥିବା ଅଭିଯୋଗ ହୋଇଥିଲା। ସେ ଘରର ସମସ୍ତ ସମ୍ପତ୍ତି ଅନ୍ୟ ଭାଇ ଭଉଣୀଙ୍କୁ ନଦେଇ ଏକାକୀ ହଡ଼ପ୍ ? କରିବାକୁ ଯୋଜନା କରିଥିଲା। ହେଲେ ମାଆ ସୁଲୋଚ୍ଚନା ସମସ୍ତ ସମ୍ପତ୍ତିକୁ ୩ ପୁଅ ଓ ୪ ଝିଅଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିବା ପାଇଁ କହିଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ବିବାଦ।ଆରମ୍ଭ ହୋଇଥିଲା ମାଆ ସୁଲୋଚ୍ଚନାଙ୍କ ଉପରେ ନିର୍ଯାତନା। ତାଙ୍କୁ ଘରୁ ତଡ଼ି ଦେଇଥିଲେ। ଆଶ୍ରା ଖୋଜି ଖୋଜି ମାଆ ସୁଲୋଚ୍ଚନା ମଝିଆଁ ଓ ସାନ ପୁଅଙ୍କ ପାଖରେ ପହଞ୍ଚିଥିଲେ। ହେଲେ ସମ୍ପତ୍ତି ଲୋଭରେ ପାଗଳ ହୋଇଥିବା ବଡପୁଅ ଅଭିମନ୍ୟୁ ଧଳ ଓ ତାଙ୍କ ପରିବାର ଲୋକ ମିଶି ମଝିଆଁ ଭାଇ ଏବଂ ସାନ ଭାଇଙ୍କ ପରିବାର ଲୋକଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏପରିକି ମାଆଙ୍କୁ ପୋଷୁଥିବା ମଝିଆଁ ଓ ସାନ ଭାଇଙ୍କ ନାଁରେ ମଧ୍ୟ ଥାନାରେ ମିଥ୍ୟା ମାମଲା କରୁଥିଲା ବଡ ପୁଅ। ଯେଉଁଥିପାଇଁ ସାନ ଓ ମଝିଆ ଭାଇ ମାଆଙ୍କୁ ଘରୁ ତଡି ଦେବାକୁ ବାଧ୍ୟ ହୋଇଥିଲେ ।ଜୀବନର ଶେଷ ସମୟରେ ବୃଦ୍ଧା ମା' ବାର ଦୁଆର ହୋଇ ଏବେ ଜଣେ ଝିଅ ଘରେ ଆଶ୍ରୟ ନେଇଥିଲେ। ହେଲେ ସେହି ଝିଅ ସହ ମଧ୍ୟ ବଡ଼ ପୁଅ ଝଗଡ଼ା କରି ତାଙ୍କ ନାଁରେ ଥାନାରେ ମିଥ୍ୟା ଏତଲା ଦେଇଥିଲେ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ମା'ଙ୍କୁ ଆଶ୍ରୟ ଦେବାକୁ ସମସ୍ତେ ପଛଘୁଞ୍ଚା ଦେଉଛନ୍ତି। ବଡ଼ ଭାଇ ଅସୁବିଧାରେ ପକାଉଥିବାରୁ ଅନ୍ୟ ଭାଇ ଭଉଣୀ, ମା'ଙ୍କୁ ନିଜ ଘରେ ରଖିବାକୁ ମନା କରିଦେଲେଣି। ଏଭଳି ପରିସ୍ଥିତିରେ ମା' ସୁଲୋଚ୍ଚନା ଯିବେ କୁଆଡେ ? ରହିବେ କେଉଁଠି ? ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ସେପଟେ ପୁଅର ମିଥ୍ୟା ଅଭିଯୋଗରେ ଘାଣ୍ଟି ହୋଇ ଏବେ ନୈକ ଥାନାକୁ ଦୌଡୁଛନ୍ତି ୮୬ ବର୍ଷୀୟା ବୃଦ୍ଧା ମାଆ। ଏବେ ବୃଦ୍ଧା ସୁଲୋଚ୍ଚନା ମଝିଆଁ ଝିଅ ଘରେ ଆଶ୍ରୟ ନେଇଥିବା ଜଣାପଡିଛି।

# ଠିକାଦାର ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକା, ଭାଙ୍ଗିଗଲା ରାଣିତାଲ ମୁଖ୍ୟ କେନାଲ ବନ୍ଧ, ମୁଣ୍ଡରେ ହାତ ଦେଲେ ଚାଷୀ

ଭଦ୍ରକ, ୮।୮(ପି.ଏନ): ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ବିପୁଳ ପରିମାଣରେ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଉକ୍ତ ଅର୍ଥର ସତ୍ ବିନିଯୋଗ ହେଉ ନାହିଁ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେ ପାଇଁ ଅସୁବିଧାରେ ପଡୁଛନ୍ତି ସାଧାରଣ ଜନତା। ଯାହାର ଏକ ନଜିର ଦେଖିବାକୁ ମିଳିଛି ରାଣିତାଲ ଠାରେ। ଏହି ଅ ଳର ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା କେନାଲ। ଚାଷୀଙ୍କ ବିଲକୁ ଠିକ ସମୟରେ ଉପଯୁକ୍ତ ପରିମାଣ ଜଳ ଯୋଗାଇବା ଲକ୍ଷ୍ୟରେ ଏହା ନିର୍ମାଣ କରାଯାଇଥିଲା। ପରବ ୀ ସମୟରେ ଏହାର ପୁନରୁଦ୍ଧାର ଜରୁରୀ ହୋଇ ପଡ଼ିଥିଲା। କିନ୍ତୁ ବହୁ ଲକ୍ଷ ଟଙ୍କାର ପୁନରୁଦ୍ଧାର କାର୍ଯ୍ୟ ସମୟରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ନିମ୍ନମାନ କାର୍ଯ୍ୟ ଯୋଗୁଁ ଏବେ ଶତାଧିକ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମାତ୍ର ୨ବର୍ଷ ପୂର୍ବେ ସିମୁଳିଆ ନିର୍ବାଚନମଣ୍ଡଳୀ ବରଦା ଠାରୁ ମଇତାପୁର ଭାୟା ରାଣିତାଲ ମୁଖ୍ୟ କେନାଲ ବନ୍ଧ ଏବେ ଭାଙ୍ଗି ଯାଇଛି। କେନାଲରେ ପାଣି ଆସିବାରୁ ଏକ ବଡ଼ ଘାଇ ସୃଷ୍ଟି ହୋଇଛି। ଫଳରେ ତଗିରା ଓ ତେଲିଆପଡ଼ା ମୌଜାର ଶତାଧିକ ଏକର ଜମି ଜଳମୟ ହୋଇ ଯାଇଛି। ଏହି ଜମିମାନଙ୍କରେ ଚାଷୀ ନିଜର ସଂଚିତ ଧନକୁ ଖର୍ଚ୍ଚ କରି ତଳି ପକାଇଥିଲେ ଓ ଧାନ ରୋଇ ଥିଲେ। କିନ୍ତୁ ଏହି ମନୁଷ୍ୟକୃତ ବନ୍ୟା ସବୁ କିଛି ଧୋଇ ଦେଇଛି। ତେବେ ମାତ୍ର ୨ ବର୍ଷ ପୂର୍ବେ ମରାମତି ହୋଇଥିବା ଏହି କେନାଲ ବନ୍ଧ ଭାଙ୍ଗିଯିବା ଓ ଚାଷୀ ସର୍ବସ୍ୱ ହରାଇବାର ଉ ର ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯିବ ବୋଲି ଅ ଳବାସୀ ପ୍ରଶ୍ନ କରିଛନ୍ତି। ସଳାନ୍ଦୀ ଜଳସେଚନ ବିଭଗେ ଅଧିନରେ ଥିବା ଏହି କେନାଲ ମରାମତି କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଥିଲେ। ଯାହାର ଫଳ ଏବେ ଚାଷୀଙ୍କୁ ଭୋଗ କରିବାକୁ ପଡୁଛି। ଶ୍ରାବଣ ମାସ ସରିବାକୁ ବସିଛି। ଏହି ସମୟରେ ତଳା ଉତାରି ହୋଇ ପାରିବ ନାହିଁ କି ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରିବ ନାହିଁ। ତେଣୁ ଏହି କାରଣରୁ ଆଗକୁ ଧାନ ଖଳାକୁ ଆସିବା ଅସମ୍ଭବ। ତୁରନ୍ତ ଚାଷୀଙ୍କୁ ଏହି ବିପର୍ଯ୍ୟୟ ସମୟରେ ସାହାଯ୍ୟ କରିବାକୁ ସମାଜସେବୀ ସଂଗ୍ରାମ କର ଦାବି କରିଛନ୍ତି।










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଉଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଦରଦାମ୍ ବୃଦ୍ଧି ଓ ବେକାରୀ ବିରୁଦ୍ଧରେ କଂଗ୍ରେସର ଏଡିଏମ୍ ଅଫିସ୍ ଘେରାଉ

ରାଉରକେଲା (ପିଏନ୍): ଭାରତୀୟ ଜାତୀୟ କଂଗ୍ରେସର ଡାକରା ଅନୁଯାୟୀ ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅତ୍ୟାବଶ୍ୟୀ ଖାଉଟି ସାମଗ୍ରୀର ହେତୁକ ଦରଦାମ୍, ବ୍ୟାପକ ବେକାରୀ ଓ ବେରୋଜଗାରୀ, ଖାଉଟି ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ତଥା ଯୁବକମାନଙ୍କ ସ୍ୱାର୍ଥ ବିରୋଧି ଅଗ୍ନିପଥ ଯୋଜନାର ପ୍ରତିବାଦରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଆଜି ସକାଳ ୧୦ଟା ବେଳେ କଂଗ୍ରେସ କର୍ମକର୍ତ୍ତାମାନେ ଉଦିତନଗର ସ୍ଥିତ ଆମ୍ବେଦକର ଛକଠାରେ ସମବେତ ହେବା ପରେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଉପରୋକ୍ତ ପ୍ରସଙ୍ଗକୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାକୁ ବରିଷ୍ଠ ତଥା ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ପରିଚାଳନା କରିଥିବା ବେଳେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଏହି ଅବସରରେ ଉପରୋକ୍ତ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ମୋଦି ସରକାରର ଜନ ବିରୋଧି ନୀତିର ତୀବ୍ର ସମାଲୋଚନା କରିଥିଲେ । ଅଖିଳ ଭାର ଯୁବ କଂଗ୍ରେସ ସଭାପତି ତଥା ଓଡିଶା ଯୁବ କଂଗ୍ରେସର ସହପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଯୁବ କଂଗ୍ରେସ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ।ଏହି ସଭା ପରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ମୋଦି ସରକାରର ଜନ ବିରୋଧି ନୀତି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଏଡିଏମ୍ ଅଫିସ୍ ଅଭିମୁଖେ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଶୋଭାଯାତ୍ରା ଏଡିଏମ୍ ଅଫିସ୍ ଠାରେ ପହଞ୍ଚିବା ପୂର୍ବରୁ କିଛି ଦୂରରରେ ପୁଲିସ୍ ବ୍ୟାରିକେଟ୍ ଲଗାଇ କଂଗ୍ରେସ କର୍ମୀଙ୍କୁ ଅଟକାଇ ଥିଲେ । ଫଳରେ ସେଠାରେ କଂଗ୍ରେସ କର୍ମୀ ଓ ପୁଲିସଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ହେବା ସହିତ କଂଗ୍ରେସ କର୍ମୀମାନେ ମୋଦି ସରକାରର କୁଶାସନ, ବିପର୍ଯ୍ୟସ୍ତ ଅର୍ଥନୀତି, ଯୁବ ସ୍ୱାର୍ଥ ବିରୋଧି କାର୍ଯ୍ୟ ବିରୁଦ୍ଧରେ ବ୍ୟାପକ ନାରାବାଜି କରିଥିଲେ । ଶେଷରେ ପୁଲିସ୍ ଘଟଣା ସ୍ଥଳରୁ ୬୭ ଜଣ କଂଗ୍ରେସ ନେତା ଓ କର୍ମୀଙ୍କୁ ଗିରଫ କରି ନେଇ ଉଦିତନଗର ଥାନାରେ ଅଟକ ରଖିଥିଲେ । ଥାନାରେ କିଛି ସମୟ ଅଟକ ରଖିବା ପରେ ପୁଲିସ୍ କଂଗ୍ରେସ କର୍ମୀମାନଙ୍କୁ ଛାଡି ଦେଇଥିଲେ । ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲି ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ରଶ୍ମିରଂଜନ ପାଢ଼ୀ, ଉପସଭାପତି ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ ଓ କୀର୍ତ୍ତନ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ଶଙ୍କର ଅଗ୍ରୱାଲ, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ମୁଖପାତ୍ର କୈଳାସ ସାହୁ ଓ ଗିରିଜା ଶଙ୍କର ମିଶ୍ର, ଓ ଇଂ.ଆର୍.ପି. ସିଂହ, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାନ୍ତି, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ରଘୁନାଥ ଦାସ, ବିଜୟ ଆପଟ, ଧୁସା ନାୟକ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁନୀଲ ସିଂହ, ଅମ୍ରିତ କୌର, ପ୍ରତିମା ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ସଦସ୍ୟ ମାତାପ୍ରସାଦ ଜୟସ୍ୱାଲ, ଶ୍ୟାମେନ୍ଦ୍ର ମାହାତୋ, ଏମ୍‌ଡି ମୁର, ସାହିର ହୁସେନ, ରୁକସାନା ବେଗମ, ଦିଲ୍ଲୀପ ଜେନା, କୈଳାସ ଚନ୍ଦ୍ର ବିଶୋୟୀ, ବରିଷ୍ଠ ନେତା ବନମାଳୀ ବିଶୋୟୀ, ବିଜୟ ପୁରୋହିତ, ଲୋକନାଥ ଭୂମିଜ, ଅଭିମନ୍ୟୁ ଦାସ, ଚତୁର୍ଭୁଜ ସାମଲ, ବସନ୍ତ ସାମଲ, ଗୀତା ସିଂହ, ପ୍ରଦୀପ ବେହେରା, ବାସୁ ବାନାର୍ଜୀ, ଇଜାଜ ଅଖତର, ଶଙ୍କର ଦାସ, ରେହେମାନ ଖାନ, ସେବାଦଳର ବୁଲୁ ଦାସ, ବନଲତା ବେହେରା, କୁଅଁର ସିଂହ, ନାରାୟଣ ବଡାଇକ, ଅମୀୟ ଦାସ, ଅନୀଲ ଦାସ, ଋଷି ସାହୁ, ମୁନ୍ନା ସାହୁ, ସାକିର ହୁସେନ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ଶ୍ୟାମ ସାଗର, ସାମାଜିକ ଗଣମାଧ୍ୟମର ବିଶ୍ୱଜିତ ସାହୁ, ମୀନକେତନ ଯତୀ, ଯୁବନେତା ବିଶ୍ୱରଂଜନ ରାଉତ, ସରୋଜ ନାୟକ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ଏମ୍‌ଡି ସଲ୍ଲାଉଦ୍ଦିନ, ଏମ୍‌ଡି ଆଲମ, ସଦ୍ଦାମ ଅହମ୍ମଦ, ବ୍ରଜେନ୍ଦ୍ର ମହାନ୍ତି, ବାବୁ ବିଶ୍ୱାଳ, ୟୁ.ସି. ସାହୁ, ସୁଧୀର ଚୌହାନ ଓ ଇସ୍ତେହାର ଅହମ୍ମଦ ପ୍ରମୁଖଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ସନ୍ଥସାଧକ: ବୁଢ଼ାବାପା

ଶିବପ୍ରସାଦ ଧଳ

ଲୋକକଲ୍ୟାଣ ପାଇଁ କର୍ମ ସଂପାଦନ କରିବା ହେଉଛି ଏକ ମହତ୍ତର ମାନବୀୟ ଉଦାହରଣ । ସଂସାରରେ ଜନ୍ମ ନେଇ, ସମାଜର ବିଭିନ୍ନ ବର୍ଗ ଲୋକଙ୍କ ସହିତ କାର୍ଯ୍ୟକରି ନିଜ ଜୀବନରେ ଅପର ପ୍ରାଣୀମାନଙ୍କ କଲ୍ୟାଣ ପାଇଁ ସତ୍‌କର୍ମ କରିବା ହେଉଛି ବଡ଼ ଧର୍ମ । ଏହିଭଳି ମାନବିକ ମୂଲ୍ୟବୋଧକୁ ଆଧାର କରି ସମଗ୍ର ସାମାଜିକ ଜୀବନରେ ଯିଏ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥାଏ, ସେ ସାଧାରଣ ମାନବ ହେଲେ ମଧ୍ୟ ସମାଜ ତାଙ୍କୁ ଜଣେ ଶ୍ରେଷ୍ଠ ସାଧକର ମାନ୍ୟତା ଦେଇଥାଏ ।

କଟକର ଗଣ୍ଡରପୁରସ୍ଥିତ ଶ୍ରୀ ବିଜୟକୃଷ୍ଣ ଆଶ୍ରମର ପ୍ରତିଷ୍ଠାତା ସନ୍ଥ ଥିଲେ ସେଭଳି ଉଚ୍ଚତର ସାଧନାମାର୍ଗର ଜଣେ ଉତ୍ତରିତ ମହାପୁରୁଷ । ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ବୁଢ଼ାବାପା ବୋଲି ଡାକୁଥିଲେ । ଗୋଟିଏ ପରିବାରରେ 'ବାପା' ଯେଉଁଳି ଜଣେ ଶ୍ରେଷ୍ଠ ମୁରବି ଭାବେ ଦାୟିତ୍ୱ ଗ୍ରହଣ କରିଥାନ୍ତି- ସେହିଭଳି 'ବୁଢ଼ାବାପା' ଥିଲେ ତାଙ୍କୁ ଜାଣିଥିବା ଆଧ୍ୟାତ୍ମିକ ମାର୍ଗର ପ୍ରତ୍ୟେକ ଆଶ୍ରିତମାନଙ୍କ ପାଇଁ ଆଶା, ଭରସା ଓ ସାଧନାମୟ ଜୀବନର ଜଣେ ଶ୍ରେଷ୍ଠ ଅଗ୍ରଦୂତ ଭାବରେ ।

୧୯୨୯ ନଭେମ୍ବର ୨୧ ତାରିଖରେ ଏହିଭଳି ଜଣେ ଯୋଗଜନ୍ମା ଶ୍ରୀଯୁକ୍ତ ବଂଶୀଧର ମହାନ୍ତି (ବୁଢ଼ାବାପା) ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ କଣିହାଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ରାଘବାନନ୍ଦ ମହାନ୍ତି ଓ ମାତା ତାରାମଣୀ ଦେବୀ । ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ପିଲାଦିନର ଗାଥା ସବୁ ବାରି ହୋଇପଡୁଥିଲା । ସେ ପିଲାଟିଦିନରୁ ଚଣ୍ଡୀପାଠ କରୁଥିଲେ । ସେ ଦଶମ ଶ୍ରେଣୀରେ ପଢୁଥିଲା ବେଳେ ମୁକ୍ତିସଂଗ୍ରାମ ଆନ୍ଦୋଳନରେ ଯୋଗଦେଇ ଗିରଫ ହୋଇଥିଲେ । ଶିକ୍ଷାଲାଭ ପରେ ସେ ପ୍ରଥମେ ଜଗତ୍‌ସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ପଂଚୁପଲ୍ଲୀ ହାଇସ୍କୁଲରେ ଶିକ୍ଷକତା କରିଥିଲେ । ଏହାପରେ ୧୯୪୯ ମସିହାରେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଆର୍.ଏମ୍.ଏସ୍. ଚାକିରିରେ ଯୋଗଦାନ କରିଥିଲେ । ୧୯୪୯ ମସିହାରୁ ୧୯୫୩ ମସିହା ପର୍ଯ୍ୟନ୍ତ ଚାକିରିରୁ ଛୁଟି ନେଇ ସ୍ୱାମୀ ଶିବାନନ୍ଦ ଆଶ୍ରମ, ଋଷିକେଶ (ଉତ୍ତରପ୍ରଦେଶ)ରେ ରହିଥିଲେ । ସ୍ୱାମୀ ଶିବାନନ୍ଦଙ୍କ କହିବା ଅନୁଯାୟୀ ସେ ପୁନର୍ବାର ଚାକିରିରେ ଯୋଗଦାନ କରି ନିଜର କର୍ମପନ୍ଥା ସହିତ ମାନବ ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥିଲେ । ସେ ଆବାଳ ବ୍ରହ୍ମଚାରୀ ଥିଲେ । ୧୯୮୮ ମସିହା ଅକ୍ଟୋବର ୩୧ ତାରିଖରେ ବୁଢ଼ାବାପା ଚାକିରିରୁ ଅବସର ନେଇଥିଲେ । ୧୯୮୯ ମସିହାରେ ସେ କଟକର ଗଣ୍ଡରପୁରଠାରେ ବିଜୟକୃଷ୍ଣ ଆଶ୍ରମର ମୂଳଦୁଆ ପକାଇ ୧୯୯୨ ମସିହାରେ ଏହାକୁ ପ୍ରତିଷ୍ଠା କରିଥିଲେ । ୧୯୯୨ ମସିହାରୁ ସେ ବିଜୟକୃଷ୍ଣ ଆଶ୍ରମରେ ରହୁଥିଲେ ।



ମୋର ବଡ଼ଭାଇ ରବୀନ୍ଦ୍ର ନାଥ ଧଳ ବୁଢ଼ାବାପାଙ୍କ ସହିତ ଅତି ଘନିଷ୍ଠ ଥିଲେ । ଭାଇଙ୍କଠାରୁ ତାଙ୍କ ବିଷୟରେ ଶୁଣିଛି ଏବଂ ତାଙ୍କ ସହିତ ଅନେକବାର ମଧ୍ୟ ଆଶ୍ରମକୁ ଯାଇଛି । ବୁଢ଼ାବାପା ଯେତେବେଳେ ୧୯୯୦ ମସିହାରେ ଓଏମ୍‌ପି ଛକ ପୋଷ୍ଟାଲ କ୍ୱାର୍ଟରରେ ରହୁଥିଲେ ମୁଁ ସେତିକିବେଳେ ପ୍ରଥମେ ତାଙ୍କ ପାଖକୁ ଆସିଥିଲି । ସେ ଆମ ପରିବାର ପାଇଁ ଜଣେ ମହାପୁରୁଷ ଭଳି ଥିଲେ । ତାଙ୍କୁ ଆମର ଚଳନ୍ତି ଠାକୁର ଭାବେ ଆମ ପରିବାରବର୍ଗ ମଣୁଥିଲୁ । ବୁଢ଼ାବାପା ଆମ ଘରର ସୁଖଦୁଃଖରେ ଜଡ଼ିତ ଥିଲେ । ମୋର ଏଇଠି ଗୋଟେ କଥା ମନେପଡ଼େ, ୨୦୦୩ ମସିହା ମାର୍ଚ୍ଚ ୧ ତାରିଖ ଶନିବାର (ଶିବରାତ୍ରୀ) ଦିନ- ଯେତେବେଳେ ମୋର ଗୋଟିଏ ପୁଅ ହୋଇଥିଲା, ଠିକ୍ ସେତିକିବେଳେ ସେ ଆଶ୍ରମରୁ ମୋର ପୂଜ୍ୟଭାଇ (ଯୋଗୀନାଥ ଜେନା)ଙ୍କୁ ମେଡ଼ିକାଲକୁ ପଠାଉଥାନ୍ତି ଯେ, ଧଢ଼ିଆ (ମୋତେ ଡାକନ୍ତି)ର ଗୋଟିଏ ପୁଅ ହେବଣି ଅଥଚ ରବୀନ୍ଦ୍ର (ମୋ ବଡ଼ଭାଇ) ମୋତେ ଖବର ପଠାଇନି, ଯାଅ ଦେଖିକରି ଆସିବ । ଠିକ୍ ସେତିକିବେଳେ ମୁଁ ଆଶ୍ରମର ପାଦଦେଶରେ ପହଂଚି ଯାଇଛି । ବୁଢ଼ାବାପା ମୋତେ ଦେଖୁଦେଖୁ କହିଲେ ପୁଅଟିଏ ହୋଇଛି ନା...? ଭାରି ଖୁସି ହୋଇଥିଲେ । ମୋ ପୁଅର ଏକୋଇଶିଆକୁ ଆସିଥିଲେ ଏବଂ ଆମଘରେ ସକାଳୁ ରାତ୍ରଯାଏ ପୂଜାର୍ଚ୍ଚନା କରିବା ସହ ତା'ର ନାମ ଦେଇଥିଲେ ଆଶୁତୋଷ ।

ବୁଢ଼ାବାପା ଭାରି ସ୍ନେହୀ ଲୋକ ଥିଲେ । ସେ ସମସ୍ତଙ୍କୁ ଆପଣାର କରୁଥିଲେ । ସେ ଥିଲେ ଜଗନ୍ନାଥ ମହାପ୍ରଭୁଙ୍କର ଜଣେ ପ୍ରିୟଭକ୍ତ । ଆଶ୍ରମକୁ ଗଲେ ସେ ସବୁବେଳେ ହନୁମାନ, ଜଗନ୍ନାଥ, ଲକ୍ଷ୍ମୀ, ଗଣେଶ ଆଦି ସମସ୍ତଙ୍କୁ ଦର୍ଶନ କରିବାକୁ କହିବା ସଂଗେ ସଂଗେ ପ୍ରସାଦସେବନ କରି ଯିବାକୁ କହୁଥିଲେ । ସେ କହୁଥିଲେ କାମ, କ୍ରୋଧ, ଲୋଭ, ମଦ, ମୋହ ଓ ଅହଙ୍କାର ହେଉଛି ୬ଟି ବିଷଧର ସର୍ପ । ଈଶ୍ୱରଙ୍କ ନାମ କୀର୍ତ୍ତନ କଲେ ଏ ସର୍ପମାନେ ପୋଷା ମାନିବେ । ହେ ଭଗବାନ ! ତୁମେ ଆମ ପାଖରେ ଆବିର୍ଭୂତ ହୁଅ । ହେ ଶିବ, ହେ ରୁଦ୍ର ! ତୁମର ପ୍ରସନ୍ନ ମଙ୍ଗଳମୟ ମୁଖ ଆମକୁ ରକ୍ଷାକରୁ । ପର ଧନ ପ୍ରତି ଲୋଭ କର ନାହିଁ । ପିତାମାତାଙ୍କ ଯତ୍ନ ନିଅ । ଏହା ଗୃହସ୍ଥର କର୍ତ୍ତବ୍ୟ । ତୁମଠାରୁ ଯେ ବଡ଼, ସେମାନଙ୍କୁ ସମ୍ମାନ କର । ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କର ତତ୍ତ୍ୱ ନିଅ । ବନ୍ଧୁବାନ୍ଧବମାନଙ୍କୁ ସ୍ନେହ କର । ଚାକରମାନଙ୍କୁ ନିଜର ବୋଲି ଦେଖ । ସାଧୁସନ୍ଥଙ୍କ ସେବା କର । ପରର ଉପକାର କର ।

*"ପୂଜା କରିନାହିଁ କେବେ ହେ ଦେବ ତୁମ୍ଭର/ମନ୍ତ୍ର ଜପି ନାହିଁ ଜାଣଏ ଜୀବ ମୋହର । ଅର୍ଥ କାମେ ସଦାମନ ନ ସେବେ ଚରଣ/ ତେଣୁ ଗୋସେଇଁ..." (ବୁଢ଼ାବାପା ଭଜନାବଳୀ-୩୨/୬)*

*"ଶୁଣ ବାବୁ ତୁମେ ଖଳ ଜନର ସ୍ୱଭାବ/ଭୁଲରେ କେବେ ତା ସଙ୍ଗରେ ନ କରିବ ଭାବ ।" (ବୁଢ଼ାବାପା ଭଜନାବଳୀ-୧୧୨/୧୬)*

*"ଭକ୍ତ କିଶୋର ମାୟା ଈଶ୍ୱର ପ୍ରଭୁ/ (ମୋର) ନାହିଁ କେହି ତୁମ ବିନାରେ.... ଗୁହାରି କରୁଛି ତ୍ରିତାପ କଟାଅ/ଲୋତକ ବୁହାଇ ପୟରେ ।" (ବୁଢ଼ାବାପା ଭଜନାବଳୀ-୧୧୭/୦)*

ମୃତ୍ୟୁପରେ ଯଦି କେହି ବଂଚିରହେ, ତେବେ ସେ ବଂଚେ ଏହି ଧୂଳି ମାଟିର ମଣିଷ ପ୍ରାଣରେ ସ୍ୱପ୍ନରେ ଓ ସ୍ମୃତିରେ । ବୁଢ଼ାବାପା ଏବେବି ବଂଚି ରହିଛନ୍ତି ଆମମାନଙ୍କ ଭିତରେ ଏ ସମାଜରେ । ସଶରୀରରେ ନଥିଲେ ମଧ୍ୟ ତାଙ୍କୁ ସ୍ମରଣ କଲେ ଆଖି ସାମ୍ନାକୁ ଆସିଯିବେ ନିଶ୍ଚୟ । ତାଙ୍କର ଅବର୍ତ୍ତମାନରେ ସମସ୍ତେ ତାଙ୍କୁ ଝୁରି ହେଉଛନ୍ତି । ମୁଁ ତାଙ୍କୁ ଭଲପାଏ, ସମ୍ମାନ କରେ ଓ ଭକ୍ତି କରେ । ସେହି ଅଧୀନ ଦାସ ତାଙ୍କର ମହାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି । ଆମ ବୁଢ଼ାବାପା ଚିର ଅମର ରୁହନ୍ତୁ ।

*"ଯେତେ କହୁଥିଲେ ନ ସରିବ ଗୁଣ ସିନ୍ଧୁରୁ କେ ବାରି ପାରେ କି ଲବଣ ।"*

*-'ଆନନ୍ଦ ଭବନ', ବାଲିକୁଦା, ଗୋପାଳପୁର, କଟକ-୭୫୩୦୧୧, ଦୂରଭାଷ : ୯୯୩୭୭୮୨୦୭୯*

# ବନ୍ଧୁ ପାଇଁ ଦିନଟିଏ: ତୁ ମୋର ଜୀବନ ସାଥୀ...



ଭୁବନେଶ୍ୱର (ପିଏନ୍): ବନ୍ଧୁ ପାଇଁ ଦିନଟିଏ । ପ୍ରତିବର୍ଷ ଭାରତରେ ଅଗଷ୍ଟ ମାସର ପ୍ରଥମ ରବିବାରଟିକୁ ବନ୍ଧୁତା ଦିବସ ରୂପେ ପାଳନ କରାଯାଇଥାଏ । ବନ୍ଧୁତ୍ୱକୁ ମହବୁତ୍ ରଖିବା ଓ ବନ୍ଧୁର ସୁଖ, ଦୁଃଖରେ ଭାଗିଦାରୀ ହେବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । କଥାରେ ଅଛି 'ବିପଦର ବନ୍ଧୁ ପ୍ରକୃତ ବନ୍ଧୁ' । ଆଜିକାଲିକା ଲକ୍ଷ ଲକ୍ଷ ବନ୍ଧୁତା ଆମେ ଫେସ୍‌ବୁକ୍ ଏବଂ ହ୍ୱାଟସ୍‌ଅପ୍‌ରେ ଦେଖୁଅଛେ । ଯାହା ଶୁଭେଚ୍ଛା ଓ ଗିଫ୍ଟ ଦିଆନିଆରେ ସୀମିତ । ଏଗୁଡ଼ିକ ଆମେ ପ୍ରତ୍ୟେହ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଥିବା ବେଳେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ୮ ବର୍ଷ ବୟସର ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ ନିଜ ମନର ପ୍ରିୟ ବନ୍ଧୁକୁ ରଙ୍ଗ, ତୂଳୀରେ ପରିପ୍ରକାଶ କରି ଆଙ୍କିଛନ୍ତି ଏକ ସୁନ୍ଦର ଗଛର ଚିତ୍ର । ଗଛକୁ ସେ ପ୍ରିୟ ବନ୍ଧୁ ରୂପେ ଆପଣାଇ ନେଇଥିବା ବେଳେ ଗଛ ଉଦ୍ଦେଶ୍ୟରେ ସେ କୁହନ୍ତି-ତୁ ମୋର ଜୀବନ ସାଥୀ । ତୁ ମୋର ସବୁଠାରୁ ପ୍ରିୟ ବନ୍ଧୁ । ମୋର ଜନ୍ମ ଠାରୁ ଆଜି ପର୍ଯ୍ୟନ୍ତ ତୁ ବିନା ସ୍ୱାର୍ଥରେ ସାହାଯ୍ୟ କରିଚାଲିଛୁ । ତୋର ଋଣ କେହି ଜୀବନରେ ସୁଝି ପାରିବେ ନାହିଁ । ବଞ୍ଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ, ଔଷଧ, ଅମ୍ଳଜାନ ଇତ୍ୟାଦି ଠାରୁ ଆରମ୍ଭ କରି ତୁ ମୋତେ ସବୁ ବିନା ସ୍ୱାର୍ଥରେ ଦେଇଚାଲିଛୁ । ଯାହାକୁ ସେ ଚିତ୍ର ମାଧ୍ୟମରେ ନିଖୁଣ ରୂପେ ଦର୍ଶାଇଛନ୍ତି । ମୁଁ ବଞ୍ଚିଥିବା ଯାଏ ତୁ ହିଁ ମୋର ଜୀବନ ସାଥୀ ହୋଇ ହିଁ ରହିବି ବୋଲି ଶାନ୍ତନୁ ଦୃଢତାର ସହ ଏହି ଅବସରରେ କହିଛନ୍ତି । କଅଁଳ ବୟସରେ ଏଭଳି ବିଚାର ଓ ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି । ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗିର ତୃତୀୟ ଶ୍ରେଣୀରେ ପାଠ ପଢୁଥିବାର ଜଣାପଡିଛି ।

# ବିଜେପି-ବିଜେଡି ସରକାରଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ କଂଗ୍ରେସର ଜେଲଭରୋ ଆନ୍ଦୋଳନ

କେନ୍ଦୁଝର (ପିଏନ୍): କେନ୍ଦ୍ର ବିଜେପି ଓ ରାଜ୍ୟରେ ତା'ର ସହଯୋଗି ବିଜେଡି ଦଳର ଶାସନ କାଳରେ ପ୍ରତ୍ୟେକ କ୍ଷେତ୍ରରେ ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି । ବିଶେଷ କରି ଖାଇବା ତେଲ, ଏଲ୍‌ପିଜି ଗ୍ୟାସ୍, ପେଟ୍ରୋଲ, ଡିଜେଲ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ଆକାଶ ଛୁଆଁ ମୂଲ୍ୟ ବୃଦ୍ଧି ଫଳରେ ଜନସାଧାରଣ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବେକାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି । ବିବାଦପୂର୍ଣ୍ଣ ଅଗ୍ନିପଥ ଯୋଜନାରେ କୋଟି କୋଟି ବେକାର ଯୁବକମାନଙ୍କ ଭବିଷ୍ୟତକୁ ନେଇ ସରକାର ଅନ୍ଧାର ମୁହଁକୁ ଠେଲି ଦେଇଛନ୍ତି । କେନ୍ଦ୍ର ସରକାର ମାଛ, ମହୁ, ଗୁଡ, ଅଟା, ଚୁଡା,ମୁଢି, ଖଇ ଇତ୍ୟାଦିରେ ଜିଏସ୍‌ଟି ବୃଦ୍ଧି କରି ଗରିବ ଜନସାଧାରଣଙ୍କ ଉପରେ ପୁଣି ଏକ ବୋଝ ଲଦି ଦେଇଛନ୍ତି । ଅଖିଳ ଭାରତୀୟ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନରେ ଏହା ବିରୁଦ୍ଧରେ ସ୍ଥାନୀୟ କଂଗ୍ରେସ ଭବନରୁ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିରୋଧ ପ୍ରଦର୍ଶନ କରିବା ସହ ପ୍ରତିବାଦ କରିଥିଲେ । ବିଜେପି ଓ ବିଜେଡି ସରକାର ବିରୁଦ୍ଧରେ ନାରାବାଜି କରିଥିଲେ । ଏଥିରେ ପୋଲିସ୍ ପକ୍ଷରୁ କଂଗ୍ରେସ କର୍ମୀମାନଙ୍କୁ ଅଟକାଇବା ଫଳରେ ପୋଲିସ୍ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ପରେ ପରେ ଟାଉନ୍ ପୋଲିସ୍ କଂଗ୍ରେସ କର୍ମୀ ମାନଙ୍କୁ ଗିରଫ କରି ପରେ ଛାଡି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିବା ବେଳେ ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ପିସିସି ପର୍ଯ୍ୟବେକ୍ଷକ ଭୁବନ ବିହାରୀ ସାହୁ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସଂଗୀତା ସିଂହ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବରିଷ୍ଠ କଂଗ୍ରେସ ନେତା ବୀରଭଦ୍ର ମହାନ୍ତ, ଲଳିତ ମୋହନ ନାୟକ, କୈଳାସ ଚନ୍ଦ୍ର ବାରିକ, ଦିଲ୍ଲୀପ କୁମାର ସାହୁ, ହାଡିବନ୍ଧୁ ଖୁଣ୍ଟିଆ, ରତ୍ନାକର ଜେନା, ସୁଜଳ କୁମାର ସେଠୀ, ବ୍ଲକ କଂଗ୍ରେସ ସଭାପତି ପ୍ରଭାକର ନାୟକ, ଉତ୍ତମ କୁମାର ସାହୁ, ଶତ୍ରୁଘନ ସିଂହ, ଲକ୍ଷ୍ମଣ ମହାନ୍ତ, ମୁରଲୀ ବେହେରା, ଆର୍ତ୍ତତ୍ରାଣ ଦାସ, ପ୍ରବୀଣା ଦଣ୍ଡପାଟ, ବିଶ୍ୱନାଥ ବେଜ, ସୁଶାନ୍ତ କୁମାର ନାଏକ, ସୁଦର୍ଶନ ପାଇକରାୟ, କୈଳାଶ ଚନ୍ଦ୍ର ମହାନ୍ତ, ମଣିଭଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ବୃକ୍ଷ ହିଁ ପରମ ବନ୍ଧୁ, ବନ୍ଧୁତା ଦିବସ ସୁରକ୍ଷା ପାଇଁ ଶପଥ



ଭୁବନେଶ୍ୱର (ପିଏନ୍): ବୃକ୍ଷ ହିଁ ପ୍ରକୃତ ବନ୍ଧୁ । ବୃକ୍ଷ ଆମକୁ ଯାହା ସାହାଯ୍ୟ କରୁଛି ତାହା ବନ୍ଧୁଠାରୁ ଅଧିକ । ଏଣୁ ଏହି ବୃକ୍ଷ ବନ୍ଧୁର ସୁରକ୍ଷା ପାଇଁ ଆମେ ଏକାଠି ହେବା ଉଚିତ୍ ବୋଲି ଗତକାଲି ସାହଯ୍ୟ ଅନୁଷ୍ଠାନର ବନ୍ଧୁତା ଦିବସରେ ମତ ପ୍ରକାଶ ପାଇଛି । କାର୍ଗିଲ ରୋଡ୍‌ରେ ଆଜି ବନ୍ଧୁତା ଦିବସ ପାଳନ ଉପଲକ୍ଷେ ବୃକ୍ଷକୁ ସୁରକ୍ଷା ପାଇଁ ଶପଥ ନେବା ସହ ବୃକ୍ଷରେ ବନ୍ଧୁତା ଡୋରି ବନ୍ଧା ଯାଇଥିଲା । ଅନୁଷ୍ଠାନ ସଭାପତି ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଚକ ମହର୍ଷି ନଚିକେତା, ରମେଶ ନନ୍ଦ, ସରୋଜ କୁମାର ସାହୁ, ପ୍ରମୋଦ କୁମାର ଦାସ, ଚିତରଂଜନ ଭଂଜ ଓ ବହୁ ବ୍ୟକ୍ତି ସାମିଲ ହୋଇଥିଲେ ।

# ବନ୍ଧୁତ୍ୱ ଯୁଗ ଯୁଗର

## ଅଗଷ୍ଟ ମାସ ପ୍ରଥମ ରବିବାର : ବିଶ୍ୱ ବନ୍ଧୁତ୍ୱ ଦିବସ

ନର୍ମଦା ସାହୁ

*''ଉତ୍ସବେ ବ୍ୟସନେ ଚୈବ/ଦୁର୍ଭିକ୍ଷେ ରାଷ୍ଟ୍ର ବିପ୍ଳବେ/*
*ରାଜଦ୍ୱାରେ ଶ୍ମଶାନେ ଚ/ଯଃ ତିଷ୍ଠତି ସଃ ବାନ୍ଧବଃ ।''*

ବନ୍ଧୁ, ବନ୍ଧୁର ପଥର ମଜବୁତ ବନ୍ଧନଟେ । ଜୀବନରେ ଦୋହଲା ପଥରେ ହାତ ଧରି ବାଟ କଢେଇ ନିଏ । ଯାହାକୁ ମନର ସବୁ ଦୁଃଖଶୋକ, ଅକୁହା କଥା କହିହୁଏ । ଯାହାର ମିଠା ଆକର୍ଷଣରେ ସୁଖ ହୋଇଯାଏ ବହୁ ଗୁଣ ଏବଂ ଦୁଃଖ ଭାଗ ଭାଗ ହୋଇ କମି କମି ଯାଏ । ଆନନ୍ଦଉତ୍ସବଠୁଁ ଆରମ୍ଭ କରି ଯାହାର ସ୍ପର୍ଶ, ଉପସ୍ଥିତି ଦୁଃଖରେ ଥାଏ, ପୁଣି ଶ୍ମଶାନ ଯାଏ ରହିଥାଏ, ସେହି ବନ୍ଧୁ । "A Friend in need is Friend indeed."

ସଂପର୍କର ସାରେଗାମା ଗାଇ ଯିଏ ଜୀବନକୁ ମାଧୁରିମାରେ ଭରିଦିଏ, ଲୁଟିନିଏ ଅବଶୋଷ, ଗ୍ଲାନି, ସେ ଭଗବାନଙ୍କ ନିଆରା ସୃଷ୍ଟି 'ବନ୍ଧୁ' । ଦୁନିଆର ସବୁ ବନ୍ଧନଠାରୁ ଭିନ୍ନ ତା' ସ୍ୱର । ମଜବୁତ ତା' ଡୋର । ଉତ୍ତମ ବନ୍ଧୁ କିଛି ନ କହିଲେ ବି ବୁଝିପାରେ ମନ ତଳର ଗହନ କଥା । ସେଥିପାଇଁ କୁହାଯାଏ ବନ୍ଧୁତ୍ୱ କ୍ଷୀର-ନୀର ସଂପର୍କର ।

*''କ୍ଷୀର ସହ ନୀର ମିଶିଲା ଯାଇ ଅତି ସ୍ନେହରେ*
*ବାଷ୍ପ ରୂପେ ନୀର ବିଚ୍ଛେଦ ହେଲା ଅଗ୍ନି ତାପରେ*
*ମିତ୍ରର ବିଚ୍ଛେଦ କ୍ଷୀର ଯେ କ୍ଷଣେ ହେଁ ନ ସହିଲା*
*ଅଗ୍ନି ତାପେ ଝାସ ଦେବାକୁ ତହିଁ ଉଦ୍ୟତ ହେଲା ।''*

କୃଷ୍ଣ-ସୁଦାମାଙ୍କ ବନ୍ଧୁତ୍ୱ । ବନ୍ଧୁତ୍ୱ ଏକ ମିଠା ଆର୍କର୍ଷଣ । ମନଜିଣା ବୀଣାର ମଧୁର ମୂର୍ଚ୍ଛନା । ଯେଉଁଠି ସ୍ଥାନ ପାଏନା ଛଳନା, ସ୍ୱାର୍ଥପରତା, ଈର୍ଷା, ଦ୍ୱେଷ । ଯାହାର ନାମ ଉଚ୍ଚାରଣ ମାତ୍ରକେ ମନ ପୁଲକିତ ହୋଇଉଠେ । ହେଲେ ଆଜି ବଦଳି ଯାଇଛି ସମାଜ । ସମୟର ଗତି ସହ ତାଳ ଦେଇ ପରିବର୍ତ୍ତିତ ମୋଡରେ ନିଜର ନୂଆ ରୂପ ଖୋଜୁଛି ବନ୍ଧୁତ୍ୱ । ବଦଳିଛି ବନ୍ଧୁ ପ୍ରୀତି । ସଂପର୍କର ଦ୍ୱାହି ଦେଇ ସମାଧି ନେଇଛି ବନ୍ଧୁର ଅସଲ ପରିଚୟ ।

ଅତୀତର ପୃଷ୍ଠା ଆଜି ଅତୀତରେ ବିଲୀନ ହୋଇଗଲା । ବନ୍ଧୁତ୍ୱ ନାଁରେ ରକ୍ତର ହୋଲି ଖେଳ । ବିଶ୍ୱାସ ନାଁରେ ରକ୍ତର ହୋଲି ଖେଳ । ବିଶ୍ୱାସ ନାଁରେ ଅବିଶ୍ୱାସ ଶ୍ୱାସରୁଦ୍ଧ କରୁଛି । ସବୁଠି ସ୍ୱାର୍ଥର କଳାବାଦଲ ଘେରି ରହିଛି । ମୁକ୍ତି ପଥହରା, ଶାନ୍ତି ଅପହଞ୍ଚ । ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଟିକେ ବି ପାଇବା ସ୍ୱପ୍ନ ହୋଇଯାଇଛି । ପ୍ରତିଦିନ ସମ୍ବାଦପତ୍ରର ପୃଷ୍ଠା ଖେଳେଇଲେ ଦେଖାଯାଉଛି, ସାନ ସାନ ପିଲାମାନେ ବି ସଂପର୍କର ଦ୍ୱାହି ଦେଇ ନିଜକୁ ଠକି ଚାଲିଛନ୍ତି । ତେଣୁ ଆଜିର ଏହି ପବିତ୍ର ଦିବସରେ ଆମେ ଶପଥ ନେବା, ''ଉତ୍ତମ ବନ୍ଧୁଟିଏ ହେବା । ସ୍ନେହ ଶ୍ରଦ୍ଧା ଭଲ ପାଇବାର ନିବିଡତାରେ ଜୀବନକୁ ମଧୁର ସୁନ୍ଦର କରିବା ।''

*-ଖାଙ୍କରପୁର, ବାଲିକୁଦା, ଜଗତସିଂହପୁର*

# ଗଣ୍ଡାଖିଆ-ସାନ୍ତସାହି କେନାଲ ବନ୍ଧ ରାସ୍ତାରୁ ପଥର ଖସୁଛି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ ଉନ୍ନୟନ ଡିଭିଜନ ପକ୍ଷରୁ ଦଶକୋଟି ଟଙ୍କା ବ୍ୟୟ ଅଟକଳରେ ଗତ ୫ମାସ ତଳେ ନିର୍ମିତ ଗଣ୍ଡାଖିଆ-ସାନ୍ତସାହି କେନାଲ ବନ୍ଧ ରାସ୍ତାର ବିଭିନ୍ନ ସ୍ଥାନରେ କେନାଲ ଭିତରକୁ ପଥର ଖସିବା ଦ୍ୱାରା ଏହା ରାସ୍ତା ପ୍ରତି ବିପଦ ଦେଖାଦେଇଛି । ଏହି ରାସ୍ତାର ଲମ୍ବ ୧୦କି.ମି. । ଏହି କେନାଲ ବନ୍ଧ ରାସ୍ତାର ଓସ୍ତପୁର, କଂସାର ଠାରୁ ଆରମ୍ଭ କରି ଆୟବା ମଧ୍ୟରେ ବିଭିନ୍ନ ସ୍ଥାନରେ କେନାଲ ଭିତରକୁ ପଥର ଖସିବା ଆରମ୍ଭ ହେବାରୁ ସାଧାରଣରେ ଏନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ପ୍ରାୟ ୫ମାସ ତଳେ ଜଣେ ସ୍ୱତନ୍ତ୍ର ଠିକାଦାରଙ୍କ ଦ୍ୱାରା ନିର୍ମିତ ଏହି ରାସ୍ତାର ଅବସ୍ଥା ଏବେଠାରୁ ଯଦି ଏଭଳି ହୁଏ ତେବେ ଆଉ ୬ମାସ ଭିତରେ ସେହି ରାସ୍ତାର ଅବସ୍ଥା କିଭଳି ଶୋଚନୀୟ ହୋଇପଡିବ ତାହା ଏବେଠାରୁ ଜଣାପଡିଲାଣି । ଏହି ରାସ୍ତାରେ ଟ୍ରକ ଚାଲିବା ଦ୍ୱାରା ରାସ୍ତାର ଅଧିକାଂଶ ସ୍ଥାନ ଦବି ଗଲାଣି । ରାସ୍ତାର କାମ ଅତି ନିମ୍ନମାନର ହୋଇଥିବାରୁ ଏବଂ ବିଭାଗର ନିର୍ଦ୍ଦେଶ ମତେ ଗୋଡି, ବାଲି ଓ ସିମେଣ୍ଟ ବ୍ୟବହାର କରାଯାଇନଥିବାରୁ ରାସ୍ତାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୪ଟି ପଞ୍ଚାୟତର ଅଧିବାସୀମାନେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟି ରାସ୍ତାର ମାନ ପରୀକ୍ଷା କରି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ ସୁଦ୍ଧା ଅଧିକ୍ଷଣ ଯନ୍ତ୍ରୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ନିଜର ଦାୟିତ୍ୱ ଶେଷ କରିଦେଇଥିବା ପୁରୁଷୋତ୍ତମପୁର ପଞ୍ଚାୟତର ସନ୍ୟାସପୁର ଗ୍ରାମର ସମାଜସେବୀ ସନ୍ତୋଷ ବେହେରା ଅଭିଯୋଗ କରିଛନ୍ତି । ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଗ୍ରାମବାସୀମାନେ ଭିଜିଲାନ୍ସ ଡିଜିଙ୍କୁ ଭେଟି ଏହି ରାସ୍ତାର ମାନ ପରୀକ୍ଷା କରିବା ସହିତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିବେ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

# ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟରେ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର (ପିଏନ୍): ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟରେ Cyber ଠକେଇକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମୂକ-ବଧିର ଛାତ୍ର/ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ Smt. Shivani Shashikanta Mohanty, Project Manager, Bank of Newyork and Sj. Chandra Sekhar Pal, Enterpreneur ଯୋଗଦେନା କରି ମୂକ-ବଧିର ଛାତ୍ର/ଛାତ୍ରୀମାନଙ୍କୁ ସାଇବର ଠକେଇର ବିଭିନ୍ନ ଦିଗ ଓ ଏଥିରୁ କେମିତି ବର୍ତିହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥିମାନେ କହିଲେ ଯେ, ଅଧିକାଂଶ ସାଇବର ଅପରାଧ ସାଇବର ଅପରାଧୀଙ୍କ ପାଇଁ ଲାଭ ସୃଷ୍ଟି କରାଯାଉଥିବାବେଳେ କେତେକ ସାଇବର ଅପରାଧ କମ୍ପ୍ୟୁଟର କିମ୍ବା ଡିଭାଇସ୍ ବିରୁଦ୍ଧରେ ସିଧାସଳଖ କ୍ଷତି କିମ୍ବା ଅକ୍ଷମ କରିବା ପାଇଁ ଚେଷ୍ଟା କରିଥା'ନ୍ତି ଏବଂ ଏଥିସହିତ ମାଲୱେର, ବେଆଇନ ସୂଚନା, ପ୍ରତିଛବି କିମ୍ବା ଅନ୍ୟାନ୍ୟ ସାମଗ୍ରୀ ବିସ୍ତାର କରିବାକୁ କମ୍ପ୍ୟୁଟର କିମ୍ବା ନେଟୱାର୍କ ବ୍ୟବହାର କରିଥା'ନ୍ତି, ସାଇବର ଅପରାଧର ଏକ ପ୍ରାଥମିକ ପ୍ରଭାବ ହେଉଛି ଆର୍ଥିକ । ସାଇବର ଅପରାଧରେ ବିଭିନ୍ନ ପ୍ରକାରର ଲାଭଚାଳିତ ଅପରାଧିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଇମେଲ ଏବଂ ଇଂଟରନେଟ ଠକେଇ, ପରିଚୟ ଠକେଇ, ଆର୍ଥିକ ଆକାଉଂଟ, କ୍ରେଡିଟ କାର୍ଡ଼ କିମ୍ବା ଅନ୍ୟାନ୍ୟ ପେମେଂଟ କାର୍ଡ଼ ତଥ୍ୟ ଚୋରି କରିବାର ପ୍ରୟାସ କରିଥା'ନ୍ତି । ଏଥିସହିତ ଲୋଭ, ଭୟ ଓ ଅବହେଳାରୁ ଲୋକମାନେ ସାଇବର ଠକେଇ ଜାଲରେ ପଡୁଛନ୍ତି । ଏଥିରୁ ବର୍ତିବାକୁ ହେଲେ ଥାର୍ଡ଼ପାର୍ଟି (ଆପ୍)ଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ । ଯଦି କେହି ସାଇବର ଠକେଇର ଶିକାର ହୁଅନ୍ତି, ତେବେ ସାଇବର ଥାନାକୁ ସଙ୍ଗେ ସଙ୍ଗେ ଜଣାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ଅତିଥିମାନେ ଯେଉଁସବୁ ପରାମର୍ଶ ଦେଇଥିଲେ, ତାଙ୍କର ଅଭିଭାଷଣକୁ ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ମହାପାତ୍ର ସାଙ୍କେତିକ ଭାଷାରେ ମୂକ-ବଧିର ଛାତ୍ର/ଛାତ୍ରୀଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମକୁ 'Satyabhama Devi Welfare Trust'ର ମ୍ୟାନେଜିଂ ଟ୍ରଷ୍ଟି ସୁଶ୍ରୀ ନିରୋଜା ଲକ୍ଷ୍ମୀ ମହାପାତ୍ର ପରିଚାଳନା କରିଥିଲେ ଏବଂ କଲେଜର ଅଧ୍ୟାପକ ଶ୍ରୀ ପୂର୍ଣ୍ଣେନ୍ଦୁ ଶେଖର ପରିଡ଼ା ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁର ଭାଇଙ୍କ ୭୯ତମ ଜନ୍ମ ଉତ୍ସବ ପ୍ରସ୍ତୁତି



ଭୁବନେଶ୍ୱର (ପିଏନ୍): ବରିଷ୍ଠ ବିଧାୟକ, କଂଗେସ ନେତା ଜନମାନସରେ ପ୍ରତିଷ୍ଠିତ, ସମସ୍ତଙ୍କ ପ୍ରିୟ ସୁର ଭାଇ ତଥା ସୁରେଶ କୁମାର ରାଉତରାୟଙ୍କ ୭୯ତମ ଜନ୍ମ ଉତ୍ସବ ଆସନ୍ତା ଅଗଷ୍ଟ ୧୦ତାରିଖରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିନ ବିଏମ୍‌ସି ହସ୍‌ପିଟାଲ, ଜଟଣୀ ହସ୍‌ପିଟାଲରେ ଓ ଲିଙ୍ଗରାଜ ମନ୍ଦିରଠାରେ ଫଳ ବଂଟନ, ମାଉସିମା ଛକଠାରେ ଭଜନ ସମାରୋହ ଓ ରକ୍ତଦାନ ଶିବିର କରାଯିବ । ସେହିପରି ରାମେଶ୍ୱର ପାର୍କଠାରେ ଏକ ବନ୍ଧୁ ମିଳନ ହେବା ସହ ରାତିରେ ମେଲୋଡି ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି । ଜୟନ୍ତୀ କମିଟିର ସଭାପତି ଦିଲ୍ଲୀପ ମିଶ୍ର, ଆବାହକ ଜୟକୃଷ୍ଣ ମଲିଆ, ବିଷ୍ଣୁ ପ୍ରସାଦ ମୁଦୁଲି, କପିଳ ପଣ୍ଡା, ଡ. ଲିଙ୍ଗରାଜ ସାହୁ, କୁଞ୍ଜବିହାରୀ ସ୍ୱାଇଁ, ପ୍ରକାଶ ଜେନା, ଯୋଗିନାଥ ନାୟକ, ଗିରିଜା ଶଙ୍କର ମହାପାତ୍ର, ଧିରଜ କୁମାର ମହାପାତ୍ର, ଗଦାଧର ଦାସ, ବିଜୟ ଦ୍ୱିବେଦୀ, ମାନସ ଆଚାର୍ଯ୍ୟ, ଶ୍ରୀବତ୍ସ ପତି, ବାବନ ଚନ୍ଦ୍ର ପଢ଼ିହାରୀ, ତପନ ମହାସୁଆର, ରମେଶ ମହାପାତ୍ର, ମନୋରଞ୍ଜନ ବଟୁ, ଗୋପାଳ ପଟ୍ଟନାୟକ, ଜିତେନ୍ଦ୍ର ମହାନ୍ତି, ଶରତ କୁମାର ମଲିଆ, ବିକ୍ରମ ସୁନ୍ଦରାୟ, ନିଳମଣି ମିଶ୍ର, ମନୋରଂଜନ ମଲିଆ, ତ୍ରିଲୋଚନ ପ୍ରଧାନ, ଅନାମ ଚରଣ ସେନାପତି, ସୁଧାଂଶୁ ମୋହନ ପଟ୍ଟନାୟକ, ଶିବ କୁମାର ହୋତା, ଅକ୍ଷୟ କୁମାର ମଲିଆ, ଧୁରନ୍ଧର ପ୍ରଧାନ ଏବଂ ଶତାଧିକ ଯୁବକ ସାମିଲ ହୋଇଥିଲେ ।

# ୯ରେ ସଂଭାବନାର ଦେଶାତ୍ମବୋଧକ ସଂଗୀତ ସଂଧ୍ୟା, 'ଜୟହିନ୍ଦ୍' କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)- ସମଗ୍ର ଦେଶ ପାଳୁଛି ସ୍ୱାଧୀନତାର ୭୫ ବର୍ଷ । ଏହି ପରିପ୍ରେକ୍ଷୀରେ ସଂଭାବନାର ସ୍ୱନକ୍ଷତ୍ର ଦିବସରେ ଆସନ୍ତା ଅଗଷ୍ଟ ୯ ତାରିଖ, କ୍ରାନ୍ତି ଦିବସ ସଂଧ୍ୟାରେ ଜୟଦେବ ଭବନଠାରେ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ 'ଜୟହିନ୍ଦ୍'ରୁ ଉଦ୍‌ଘାଟିତ ହେବ ଆସନ୍ତା ଜାନୁଆରୀ ୩୦ ତାରିଖ, ଶହୀଦ ଦିବସ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ସ୍ୱାଧିନତାର ଅମୃତ ଅନୁଭବ ଉତ୍ସବ' । ଅଗଷ୍ଟ ୯, ସଂଧ୍ୟା ୬ ଘଟିକାରେ ଜୟଦେବ ଭବନଠାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସୌରଭ ନାୟକ, ମହାପ୍ରସାଦ କର, ପ୍ରୀତିନନ୍ଦା ରାଉତରାୟ, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତ୍‌ପଥି, ଅର୍ଣ୍ଣବ ପଣ୍ଡା, ଇପ୍‌ସିତା ମହାନ୍ତି, ଓ ବିପୁଲ ଆଦିଙ୍କ ସ୍ୱରରେ ଦେଶଭକ୍ତି ସଂଗୀତର ସ୍ୱତନ୍ତ୍ର ସଂଧ୍ୟା 'ଜୟହିନ୍ଦ୍' ଅନୁଷ୍ଠିତ ହେବ ବୋଲି ସଂଭାବନା ପକ୍ଷରୁ ସୂଚନା ଦିଆଯାଇଛି । ଜାନୁଆରୀ ୩୦ ପର୍ଯ୍ୟନ୍ତ ଛଅମାସ ଧରି ସାହିତ୍ୟ ଉତ୍ସବ, ସମ୍ମେଳନ, ଆଲୋଚନାଚକ୍ର ଓ ବହୁବିଧ ପ୍ରତିଯୋଗିତା ସହ ଏହା ଉଦ୍‌ଯାପିତ ହେବ । ଏହି ଅବସରରେ ସଂଭାବନାର ସଂଗ୍ରହଣୀୟ ସ୍ୱାଧୀନତା ସଂପର୍କିତ ସ୍ୱତନ୍ତ୍ର ସଂଖ୍ୟା ଆତ୍ମପ୍ରକାଶ କରିବ । ଏହି କାର୍ଯ୍ୟକ୍ରମରେ ସଂଗୀତପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ସଂପାଦକ ଦେବପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ରାଜଶ୍ରୀ ଶତ୍‌ପଥି, ସତ୍ୟବ୍ରତ ମହାପାତ୍ର ଓ ପ୍ରଫୁଲ୍ଲ ଦେ ଆଦି ଅନୁରୋଧ କରିଛନ୍ତି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୦୯

## ଶ୍ରୀକ୍ଷେତ୍ରର ରୋଷଶାଳ ଓ ମହାପ୍ରସାଦ

*"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ,*
*ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ।"*



"He takes his bath at Rameswar, dines at Puri, meditates at Badrinath and sleeps at Dwarika." ମାନବ ବୋଲି କଳ୍ପନା କରାଯାଉଥିବା, ମହାପ୍ରଭୁ ନିଜର ସବୁଠାରୁ ବଡ ମାନବୀୟ କାର୍ଯ୍ୟ ଭୋଜନ, ଶ୍ରୀକ୍ଷେତ୍ର ପୁରୀରେ ସଂପାଦନ କରନ୍ତି, ଯେଉଁଠି ମର୍ତ୍ତ୍ୟର ଅମୃତ ମହାପ୍ରସାଦ ପ୍ରସ୍ତୁତ ହୁଏ । ନିକଟରେ କୌଣସି ଦୁର୍ବୃତ୍ତ ପୁରୀ ବଡଦେଉଳରେ ପଶି ଶ୍ରୀମନ୍ଦିର ରୋଷଶାଳାର ପ୍ରାୟ ୮୦ଟି ଚୁଲି ଭାଙ୍ଗିଦେବା ଖବର ସାରା ଦେଶର ଜଗନ୍ନାଥପ୍ରେମୀ ଓ ହିନ୍ଦୁ ଭକ୍ତଙ୍କ ମନରେ ଘୋର ବିଷାଦ ଭରି ଦେଇଛି । ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କ ପରମ୍ପରା ସହ ଏଭଳି ଖେଳିବା ନିଶ୍ଚୟ ଦୁଃଖ ଓ ପରିତାପର ବିଷୟ । ଜଗନ୍ନାଥ ମନ୍ଦିରର ରୋଷଶାଳରେ ପ୍ରଭୁଙ୍କ ପାଇଁ ଭୋଗ ବା ନୈବେଦ୍ୟ ପ୍ରସ୍ତୁତ ହୁଏ । ଏହି ଭୋଗକୁ ଜଗନ୍ନାଥ ଗ୍ରହଣ କଲାପରେ ତାହା ପ୍ରସାଦର ମାନ୍ୟତା ପାଏ । ପରେ ଏହା ପିଠ ଧାତ୍ରୀ ବିମଳାଙ୍କ ପାଖରେ ଅର୍ପଣ ହେଲା ପରେ ମହାପ୍ରସାଦର ମାନ୍ୟତା ପାଏ । ଏହି ମହାପ୍ରସାଦ ଭକ୍ତମାନଙ୍କର ଅତି ପ୍ରିୟ । ପୁରୀକୁ ଯିବାର ପ୍ରଧାନ ଲକ୍ଷ୍ୟ, ଟିକେ ମହାପ୍ରସାଦ ଖାଇବା । ଦେବତାଙ୍କ ପ୍ରସାଦ ପ୍ରତି ଏପରି ଭକ୍ତି ବିଶ୍ୱର ଅନ୍ୟ କେଉଁଠି ଦେଖାଯାଏନା । ଏହାର ସ୍ୱାଦ, ସୁବାସ ମଧ୍ୟ ଅନ୍ୟତ୍ର ସମ୍ଭବ ନୁହେଁ । କୁହାଯାଏ ପ୍ରସାଦକୁ ମନ୍ଦିରକୁ ନେଲାବେଳେ ସୁବାସ ନଥାଏ, କିନ୍ତୁ ଭୋଗ ପରେ ଆନନ୍ଦ ବଜାରକୁ ନେଲାବେଳେ ସୁବାସରେ ମହକି ପଡେ । ଆନନ୍ଦ ବଜାର ମନ୍ଦିରର ଉତର ପୂର୍ବ କୋଣରେ ଅବସ୍ଥିତ । ଏଠାରେ ଭକ୍ତମାନେ ମାଟି ଖପରାରେ କିମ୍ବା କଦଳି ପତ୍ରରେ ତଳେ ବସି ଆନନ୍ଦରେ ମହାପ୍ରସାଦ ଖାଉଥିବାର ଦୃଶ୍ୟ ଅତ୍ୟନ୍ତ ଦୁର୍ଲଭ । ଚଣ୍ଡାଳ ହାତୁ ବ୍ରାହ୍ମଣ ଛଡାଇ ଖାଇବେ, ଖାଇ ସାରି ନିଜ ଶିରେ ହାତ ଯେ ପୋଛିବେ, ସମସ୍ତ ଭକ୍ତ ଏକକାର ହୋଇ। ଛଡା ଛଡି ହୋଇ ଖାଇ ମୁଣ୍ଡରେ ହାତ ପୋଛିବା ଏକ ଘଟଣା ନୁହଁ, ଏକ ମହାନ ପରମ୍ପରା ଏକ ମହାନ ସଂସ୍କୃତି, ଯାହା ନିରବଚ୍ଛିନ୍ନ ଭାବେ ହଜାର ବର୍ଷ ଧରି ଚାଲି ଆସିଛି । ମନ୍ଦିରର ବିଶାଳ ରୋଷେଇ ଘର ଦକ୍ଷିଣ ପୂର୍ବ କୋଣରେ ଏକ ଏକର ଜମି ଉପରେ ଅବସ୍ଥିତ । ଏହାର ଲମ୍ବ ୧୫୦ ଫୁଟ ଓ ପ୍ରସ୍ଥ ୧୦୦ ଫୁଟ । ଉଚ୍ଚତା ୨୦ ଫୁଟ । ଏହି ରୋଷ ଶାଳା ପୃଥିବୀର ସବୁଠାରୁ ବଡ ହୋଟେଲ ଯେଉଁଠି, ଦୈନିକ ଲକ୍ଷେ ଲୋକ ଆହାର କରନ୍ତି । ଏହାର ବିଶେଷତ୍ୱ ହେଲା ମାଟି ହାଣ୍ଡିରେ, କାଠ ଚୁଲିରେ ରୋଷେଇ । ମାଟିପାତ୍ରକୁ କୁଡିଆ କୁହାଯାଏ, ଯାହାକୁ ସ୍ଥାନୀୟ କୁମ୍ଭକାରମାନେ ଶହଶହ ବର୍ଷ ହେଲା ଯୋଗାଇ ଆସୁଛନ୍ତି । ମାଟି ହାଣ୍ଡି ମାନ ଗୋଟା ଉପରେ ଗୋଟାଏ ପା-ଚି ପାତ୍ର ଉପର ତଳ ଥାକ ହୋଇ ଚୁଲିରେ ରହେ । ସବୁଠାରୁ ଉପର ପାତ୍ର ରେ ଆଗ ରୋଷେଇ ସଂପନ୍ନ ହୁଏ ରୋଷ ଘରେ ୫୦୦ ସୁଆର ବା ରୋଷେଇଆ ଓ ୫୦୦ ସେବାକାରୀ କାର୍ଯ୍ୟ କରନ୍ତି । ଏମାନଙ୍କୁ ସୁଆର, ମହାସୁଆର ସୁଆର ମହାପାତ୍ର, କୁହାଯାଏ । ଏହାଛଡା ପାଣିବାଲା ଧୋଇଲାବାଲା, ଯୋଗାଡିଆ, ପହଁରିଲାବାଲା, ପାଇକ ଭଳି ସହାୟକ କର୍ମଚାରୀ ଏହାକୁ ସଦାସର୍ବଦା କର୍ମଚ-ଂଚଳ କରିଛନ୍ତି । ରୋଷ ପରେ ମୁହଁରେ ଗାମୁଛା ବାନ୍ଧି ପୂଜା ପାଇଁ ଭୋଗକୁ ନିଆଯାଏ । ଦେବତାଙ୍କ ଆଗରେ ଏହା ନୈବେଦ୍ୟ ଆକାରରେ ନିବେଦନ କରାଯାଏ । ଗର୍ଭଗୃହର ଦ୍ୱାର ବନ୍ଦ ହୋଇ ବା ପହଡ ପଡି ଭୋଗ ହୁଏ । କୁହାଯାଏ ଭୋଗ ପ୍ରସ୍ତୁତିରେ କୌଣସି ଅଶୌଚ ହେଲେ ଅକସ୍ମାତ ଏକ କୁକୁର ମନ୍ଦିର ବେଢାରେ ଦେଖାଯାଏ । ସମସ୍ତ ଭୋଗ ପୋତା ଯାଇ ଆଉଥରେ ଭୋଗ ରନ୍ଧା ହୁଏ। କୁକୁର ପିଠର ଏକ ଯୋଗ୍ନୀ କୁତମ ଚଣ୍ଡୀ ବୋଲି ବିଶ୍ୱାସ କରାଯାଏ । ରୋଷ ଘର ପାଇଁ ଦିଓଟି ଗଭୀର କୂପରୁ ଜଳ ଆସେ । ସେଗୁଡିକ ନାମ ଗଙ୍ଗା ଓ ଯମୁନା । ଗଭୀରତା ୧୦୦ ଫୁଟ ଗୋଲେଇ ୧୦ ଫୁଟ । ରୋଷେଇ ଘର ଅଗ୍ନିକୁ ବୈଷ୍ଣମାଗ୍ନି କୁହାଯାଏ । ଏହା କେଉଁ ଅନନ୍ତ କାଳରୁ ଜଳୁଚି । କୁହାଯାଏ ମା ଲକ୍ଷ୍ମୀ ହିଁ ପାଚ କର୍ମ କରନ୍ତି । ରଥ ଯାତ୍ରା ସମୟରେ ଠାକୁର ଗୁଣ୍ଡିଚା ମନ୍ଦିର ଯିବାରୁ ରୋଷ ଘର ବନ୍ଦ ରୁହେ ଓ ମରାମତ କାମ ହୁଏ । ଶ୍ରୀମନ୍ଦିର ରୋଷଶାଳାରେ ମାଟି ଇଟା ନିର୍ମିତ ପ୍ରାୟ ଦୁଇଶ ଚୁଲି ଅଛି । ତିନିପ୍ରକାର ଚୁଲି ରହିଛି । ଅନ୍ନ ଚୁଲା, ଅହିଆ ଚୁଲା ଓ ପିଠା ଚୁଲା । ପ୍ରତି ଚୁଲାର ଆୟତନ ଲମ୍ବ ୪, ପ୍ରସ୍ଥ ୨-୧/୨ଓ ୨ ଫୁଟ ଗଭୀରର । ସମୁଦାୟ ୧୦ଟି ପିଠା ଚୁଲା ଅଛି । ରୋଷ ଘରେ ପିଆଜ, ରସୁଣ, ଲଙ୍କା, ତେଲ, ବିଲାତି ଆଳୁ, ଚିନି, ବିଲାତି ବାଇଗଣ ବ୍ୟବହାର ହୁଏନା । ଗୋଲମରିଚ, ଅଦା, ମାଟିଆଳୁ, କନ୍ଦମୂଳ, ଘିଅ, ଖୁଆ, ଲହୁଣି, କ୍ଷୀର, ଦହି, ଛେନା ଗଡୁ. କନ୍ଦ ଆଦିରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୁଏ । ମିଠା ଅନ୍ନ, ସାଧା ଅନ୍ନ, ଦହି ଅନ୍ନ, ମିଠା ଡାଲି, ପରିବା ମିଶା ଡାଲି, ଶାକର, ମହୁର, ଖଟା, ଆମ୍ବିଳ, ଅନେକ ଶାଗ ଭଜା, ପାଏସ ଛଡା ଅନେକ ପ୍ରକାର ପିଠା, ମିଠା ପାନୀୟ ପ୍ରସ୍ତୁତ ହୁଏ । ପ୍ରଭୁଙ୍କ ପାଇଁ ଛଅ ଥର ଭୋଗ ପ୍ରସ୍ତୁତ ହୁଏ । ଛପନ ପ୍ରକାର ଖାଦ୍ୟ ଦିଆଯାଉଥିବାରୁ ଏହାକୁ ଛପନପୌଟି ବ୍ୟଞ୍ଜନ କୁହାଯାଏ । ସକାଳ ୮.୩୦ ସମୟରେ ପ୍ରଥମେ ଗୋପାଳ ବଲ୍ଲଭ (ବଲ୍ଲଭ ଖଇ ପାଚଲା କଦଳି, କୋରା, ନଡିଆ, ଖୁଆ) ଭୋଗ ପ- ଉପଚାର ପ୍ରଥାରେ ନିବେଦନ କରାଯାଏ । ସକାଳଧୂପ-୧୦ ଘଟିକା ସକାଳ-ଏହାକୁ କୋଠ ବା ରାଜ ଭୋଗ କୁହାଯାଏ । ୨୧ ପ୍ରକାର ଖାଦ୍ୟ ପରିବେଷଣ ହୁଏ । ଭୋଗ ମଣ୍ଡପ ଭୋଗ-୧୧ଟା ସକାଳ ଏହା ବରାଦ ଅନୁସାରେ ପ୍ରସ୍ତୁତ ହୁଏ। ମଧ୍ୟାହ୍ନ ଭୋଗ-୧ ଘଟିକା ମଧ୍ୟାହ୍ନ, ଏହା ଷୋଡଶ ଉପଚାରରେ ନିବେଦନ କରାଯାଏ । ଏହା ମୁଖ୍ୟ ଆହାର । ୪୧ ପ୍ରକାର ଖାଦ୍ୟ ପରିବେଷଣ ହୁଏ । ପ୍ରସ୍ତୁତ ହେଲା ପରେ ବିକ୍ରୟ ପାଇଁ ଆନନ୍ଦ ବଜାରକୁ ଆସେ। ସଂଧ୍ୟାଧୂପ-୮ ସଂଧ୍ୟା । ଆଳତି (ଜୟ ମଙ୍ଗଳ) ପରେ ୯ ପ୍ରକାର ଖାଦ୍ୟ ଦିଆଯାଏ । ବଡ ସଂହାର ଭୋଗ (ରାତ୍ର ଭୋଜନ ୧୧ଟା ରାତ୍ରୀ)। ଭୋଗ ପୂର୍ବରୁ ପାଳିଆ ପୁଷ୍ପାଳକ ବିଗ୍ରହଙ୍କୁ ପାଟବସ୍ତ୍ର ଫୁଲରେ ସଜାଇ ଗୀତ ଗୋବିନ୍ଦ ଶୁଣାନ୍ତି । ଆଠ ପ୍ରକାର ଖାଦ୍ୟ ପରିବେଷଣ ହୁଏ । ଧନୁ ରାଶିକୁ ସୂର୍ଯ୍ୟ ଗଲେ ଠାକୁରଙ୍କୁ ପହିଲି ଭୋଗ ଦିଆଯାଏ । ପୁରାଣ ଅନୁସାରେ ଏଠାରେ ଅନ୍ନ ବ୍ରହ୍ମ ରୂପରେ ଅବସ୍ଥାନ କରନ୍ତି । ମହାପ୍ରସାଦ କଣିକା ସ୍ୱୟଂ ପରମବ୍ରହ୍ମ ଅବତାର, ଯାହାର ଭୋଜନ ମୁକ୍ତି ଓ ତୃପ୍ତି ଦେଇଥାଏ । ମନ୍ଦିରରେ ଦୁଇ ପ୍ରକାର ଭୋଗ ହୁଏ- ସଂଖୁଡି ଓ ଶୁଖିଲା ଭୋଗ । ପ୍ରଭୁଙ୍କ ଛଡା ଅନ୍ନ, ଫୁଲ, ଚନ୍ଦନ ସୁଗନ୍ଧିକୁ କୈବଲ୍ୟ ବୈକୁଣ୍ଠରେ ଶୁଖାଇ କୈବଲ୍ୟ ବା ନିର୍ମାଲ୍ୟ ଆକାରରେ ଭକ୍ତଙ୍କୁ ଦିଆଯାଏ । ମଲାବେଳେ ପାଟିରେ ନିର୍ମାଲ୍ୟ ଟିକେ ଦେଲେ ମୁକ୍ତି ମିଳେ ବୋଲି ଆମ ଧର୍ମର ବିଶ୍ୱାସ । ଶ୍ରୀକ୍ଷେତ୍ରର ଏହି ମହାନ ସଂସ୍କୃତି ଶହଶହ ବର୍ଷଧରି ଯେପରି ସମୟାନୁବର୍ତିତା ସହ ଶୃଂଖଳାରେ ଚାଲିଛି ତାହା ଭାବିଲେ ମୁଣ୍ଡ ନଇଁଯାଏ । ହଜାର ବର୍ଷ ଧରି ଅନେକ ବିଦେଶୀ ବିଧର୍ମୀ ଆକ୍ରମଣକାରୀ ଏହାକୁ ଧ୍ୱଂସ କରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି । ଆଜି ଆମେ ସେହି ପବିତ୍ର କ୍ଷେତ୍ରରେ ନିଜେ ଧ୍ୱଂସଲୀଳା ଖେଳାଇ ଦେଇଛୁ, ଏହାକୁ ଇତିହାସ କେବେ କ୍ଷମା ଦେବନି ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

### ଆଜିର ଅନୁଚିନ୍ତା

'ମୁଁ'ତ୍ୱକୁ କେବଳ ଦେହ ଭିତରେ ସୀମାବଦ୍ଧ କରି ରଖିଲେ ଆତ୍ମାନନ୍ଦ ମିଳିବ କିପରି ?

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବିଶ୍ୱର ନିଃସ୍ୱମାନଙ୍କ ପାଇଁ ମୂଲ୍ୟବୋଧର ସଂଜ୍ଞା କ'ଣ ?

ତୃତୀୟ ବିଶ୍ୱରେ ମାନବିକ ମୂଲ୍ୟବୋଧର କୌଣସି ସତା ନାହିଁ, ଏକଥା ନିର୍ବିବାଦରେ କୁହାଯାଇପାରେ। ଏପରିକି ଯେଉଁ ଦେଶମାନଙ୍କରେ ଗଣତନ୍ତ୍ର ଅଛି (ଯାହାର ସଂଖ୍ୟା ଅତି କମ୍) ସେଠାରେ ମଧ୍ୟ ମାନବିକ ମୂଲ୍ୟବୋଧ ପ୍ରତି ସ୍ୱାଭାବିକ ନଜର ନାହିଁ କିମ୍ବା ସଚେତନ ଦୃଷ୍ଟିଭଙ୍ଗୀ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇନର ଶାସନ (Rule of Law) "ଗଣତାନ୍ତ୍ରିକ" ଦେଶମାନଙ୍କରେ ତ ନାହିଁ ଏବଂ ଯେଉଁସବୁ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି ବୋଲି ଦାବି କରିହେବନି, ସେଠାରେ ମାନବିକ ମୂଲ୍ୟବୋଧର ପ୍ରଶ୍ନ ଉଠେନା। ତର୍କ ଶାସ୍ତ୍ରରେ ମଣିଷକୁ ଏକ ପ୍ରାଣୀର ଆଖ୍ୟା ଦିଆଯାଇଥିଲେ ମଧ୍ୟ ଅନ୍ୟ ପ୍ରାଣୀଙ୍କଠାରୁ ମଣିଷର ଉତ୍କର୍ଷ ଭିନ୍ନତା ପାଇଁ ଏକ ସଂଜ୍ଞା ଦିଆଯାଇଛି। ମଣିଷ ଏକ ହେତୁବାଦୀ ପ୍ରାଣୀ (Man is a rational animal) ବୋଲି କୁହାଯାଇଛି। Rational ଇଂରାଜୀ ଶବ୍ଦର ଅର୍ଥ ହେତୁବାଦୀ, ବିଚାରକ୍ଷମ, ବିଚାରବୁଦ୍ଧି ସମ୍ପନ୍ନ, ବିବେକୀ, ବିଜ୍ଞ, ମିତାଚାରୀ କିମ୍ବା ବୁଦ୍ଧିମାନ ବୋଲି ଅଭିଧାନିକ ଅର୍ଥରେ ବୁଝାଯାଇପାରେ। "ବୁଦ୍ଧିମାନ" ଉର୍ଦ୍ଧ୍ୱକୁ ଗଲେ ହେତୁବାଦୀ ହୋଇପାରେ। ତଳକୁ ଖସିଲେ ଚତୁର ସ୍ତରରେ ପଂହଚିପାରେ। ଚତୁରତାରୁ ମଣିଷ ଶଠତା, ପ୍ରବଚଂନା, ସ୍ୱାର୍ଥପରତା, ଖଳତା ଓ ଅତ୍ୟାଚାରୀର ଭୂମିକାକୁ ଖସିଯାଇପାରେ। ହେତୁବାଦୀ ପ୍ରାଣୀରୁ ଅତ୍ୟାଚାରୀ ପଶୁରେ ପରିଣତ ହେବାର ସ୍ତରକୁ ଓହ୍ଲାଇବା ମଣିଷ ପାଇଁ ଅତି ସହଜ। ଉପରକୁ ଚଢିବା କଷ୍ଟକର। ତେଣୁ ମଣିଷଟି ମାନବିକ ମୂଲ୍ୟବୋଧର ହେତୁବାଦୀ ସଚେତନତା ରକ୍ଷା ନ କରି ଅହେତୁକୀ ଅତ୍ୟାଚାର ଆଡକୁ ମାଡିଚାଲିଛି। 'ମଣିଷ' ବୋଇଲେ ମୁଁ ବୁଝୁଛି ଅଧିକାରମାନଙ୍କୁ। ଯେଉଁମାନେ ନିଷ୍ପତି ଗ୍ରହଣର ଦାୟିତ୍ୱ ସାଧାରଣଙ୍କଠାରୁ ନେଇଯାଇଛନ୍ତି। ଆନୁଷ୍ଠାନିକ ପରିଧି ମଧ୍ୟରେ ନିଜର ବିଚାରକ୍ଷମତା, ବିଚାରବୁଦ୍ଧି, ବିବେକ ଓ ବିଜ୍ଞତା ବ୍ୟବହାର କରି ସାଧାରଣଙ୍କ ପାଇଁ ମାନବିକ ମୂଲ୍ୟବୋଧ ଅକ୍ଷୁର୍ଣ୍ଣ ରଖିବା ତାଙ୍କର କାମ। ମାନବିକ ମୂଲ୍ୟବୋଧ ରକ୍ଷା ହେଲେ ସାଧାରଣ ଲୋକେ ମାନବିକ ଅଧିକାର ସମ୍ପୂର୍ଣ୍ଣ ଉପଭୋଗ କରିବା ସମ୍ଭବ ହେବ। ଯେହେତୁ ଅଧିକାରୀମାନେ ମାନବିକ ମୂଲ୍ୟବୋଧ କଥା ଭୁଲିଯାଇଛନ୍ତି। ମାନବିକ ଅଧିକାର ସେହି ଅନୁସାରେ କ୍ଷୁର୍ଣ୍ଣ ହେଉଛି। ଆନ୍ତର୍ଜାତିକ ସ୍ତରରେ ପ୍ରଥମେ ବିଶ୍ୱ ତୃତୀୟ ବିଶ୍ୱର ମାନବିକ ମୂଲ୍ୟବୋଧ ରକ୍ଷା ସମ୍ପର୍କରେ ଅନାଗ୍ରହୀ। ତୃତୀୟ ବିଶ୍ୱର ଅଧିକାରୀମାନେ ନିଜ ଜନସାଧାରଣଙ୍କ ମାନବିକ ମୂଲ୍ୟବୋଧ ରକ୍ଷା କରିବା ପରିବର୍ତେ ଅତ୍ୟାଚାରୀରେ ପରିଣତ ହୋଇଛନ୍ତି। ମାନବିକ ମୂଲ୍ୟବୋଧର କ୍ଷୟ ସହିତ ମାନବିକ ଅଧିକାରର ମାତ୍ରା ମଧ୍ୟ ଆନୁପାତିକ ମାତ୍ରାଠାରୁ ଅଧିକ ପରିମାଣରେ କ୍ଷୟପ୍ରାପ୍ତ ହେଉଛି।

ମାନବିକ ମୂଲ୍ୟବୋଧର କ୍ଷୟର କାରଣକୁ ଯଦି ବିଚାର କରାଯାଏ ତେବେ ତୃତୀୟ ବିଶ୍ୱ ଅର୍ଥାତ୍ ବିକାଶଶୀଳ ଗରିବ ଦେଶମାନଙ୍କରେ ମାନବିକ ମୂଲ୍ୟବୋଧ ରକ୍ଷା କରାଯାଇ ନ ପାରିବାର ମୁଖ୍ୟତଃ ଦୁଇଟି କାରଣ ରହିଛି। ପ୍ରଥମ କାରଣ ହେଲା ଏହିସବୁ ଦେଶଗୁଡିକରେ ଶାସକ ଗୋଷ୍ଠୀ ସାଧାରଣ ଲୋକର ଦୂରାବସ୍ଥା ପ୍ରତି ସମ୍ବେଦନଶୀଳ ନୁହଁନ୍ତି। ସେମାନେ ଏକ ସୁବିଧାଭୋଗୀ ଶ୍ରେଣୀ। ସୁବିଧା ଭୋଗର ଯଦି ସମବଂଟନ କରାଯାଏ, ତେବେ ଶାସକ ଗୋଷ୍ଠୀ ଭାଗରେ କେତେ ଅଂଶ ପଡିବ ? ସେମାନେ ଯଦି ଦେଶର ସମସ୍ତଙ୍କ ପ୍ରତି ମାନବିକ ନ୍ୟାୟ ଦେବେ, ତେବେ ନିଜ ପ୍ରତି ଯଥେଷ୍ଟ ନ୍ୟାୟ ଦେଇ ପାରିବେନି। ନିଜକୁ ନ୍ୟାୟ ଦେବାକୁ ଯାଇ ରାଷ୍ଟ୍ରର ବିଭିନ୍ନ କାର୍ଯ୍ୟରେ ସମତୁଲ ଅବଦାନ ଦେବାକୁ ସମ୍ବଳ ଯଥେଷ୍ଟ ରହିବ ନାହିଁ। ତେଣୁ ଆର୍ଥିକ ସ୍ୱଚ୍ଛଳତା ଓ ଅନ୍ୟାନ୍ୟ ଅଧିକାର କ୍ଷେତ୍ରରେ ଉଚ୍ଚରେ ଥିବା ଏହି ଗୋଷ୍ଠୀ ବହୁଭାଗ ସମ୍ବଳ ନିଜେ ଉପଭୋଗ କରିବା ପରେ ଯାହା ବଳକା ରହୁଛି, ତାହା ସମାଜର ତଳ ଅଂଶ ମଧ୍ୟରେ ଅବଲୀଳାକ୍ରମେ ଯେତିକି ବାଂଟି ହୋଇଯାଇପାରିବ ତାହା ଦେଖୁଛନ୍ତି। ଭାରତର ପୂର୍ବତନ ଅର୍ଥମନ୍ତ୍ରୀ ମନମୋହନ ସିଂହଙ୍କୁ ଥରେ ପ୍ରଶ୍ନ କରାଯାଇଥିଲା ଯେ, ତାଙ୍କର ନୂଆ ଅର୍ଥନୀତିରେ ସମାଜର ଉପରିଭାଗରେ ୧୦ ଶତାଂଶରୁ ୧୫ ଶତାଂଶ ମାତ୍ର ଯଥେଷ୍ଟ ଅଧିକ ସୁବିଧା ପାଇବେ ଓ ଅନ୍ୟ ୮୫ ଭାଗଙ୍କ ପାଇଁ ଯାହା ରହିବ, ସେଥିରେ ସେମାନଙ୍କ ପାଇଁ ଉଲ୍ଲେଖଯୋଗ୍ୟ ପରିବର୍ତନର ସୁଯୋଗ ରହିବ ନାହିଁ। ମନମୋହନ ସିଂହ କହିଥିଲେ, ନୂତନ ଅର୍ଥନୀତିରେ ଉପରିଭାଗରୁ ଆର୍ଥିକ ବିକାଶର ଫଳ ତଳକୁ ବହିଯିବ। ଉପରେ ଥିବା ଲୋକେ ଅଧିକ ପାଇବା ସ୍ୱାଭାବିକ। କିନ୍ତୁ ସମୟକ୍ରମେ ବିକାଶର ଲାଭ ତଳପର୍ଯ୍ୟନ୍ତ ଯିବ। ସେଥିପାଇଁ ଅପେକ୍ଷା କରିବାକୁ ପଡିବ। ତାଙ୍କ ଯୋଜନାରେ ତଳଆଡୁ ବିକାଶର ଫଳ ମିଳିବନି। କାରଣ ତଳେ ଥିବା ଲୋକଙ୍କ ସଂଖ୍ୟା ଏତେ ଅଧିକ ଯେ ବିକାଶର ମାତ୍ରା ସେଠାରେ ଦୃଶ୍ୟମାନ ହେବା ସହଜ ନୁହେଁ।



ଦ୍ୱିତୀୟ ଦିଗଟି ହେଲା ଦରିଦ୍ର ଦେଶମାନଙ୍କରେ ମାନବ ସମ୍ବଳ ଓ ପ୍ରାକୃତିକ ସମ୍ପଦ ଭରି ରହିଥିଲେ ମଧ୍ୟ ତାହାର ଉପଯୁକ୍ତ ବ୍ୟବହାର ଓ ପ୍ରୟୋଗ ହୋଇପାରୁନାହିଁ। ବିଶ୍ୱର କତିପୟ ଧନୀ ରାଷ୍ଟ୍ରମାନେ ଦରିଦ୍ର ରାଷ୍ଟ୍ରମାନଙ୍କର ପ୍ରାକୃତିକ ସମ୍ପଦ ବ୍ୟବହାର ପାଇଁ ସର୍ବଦା ଚେଷ୍ଟିତ। ଦରିଦ୍ର ଦେଶମାନଙ୍କର ମାନବ ସମ୍ବଳକୁ ଉତ୍ପାଦନମୁଖୀ କାର୍ଯ୍ୟକଳାପରେ ପ୍ରୟୋଗ କରିବାକୁ କିନ୍ତୁ ଧନୀରାଷ୍ଟ୍ରମାନେ ଆଗ୍ରହୀ ନୁହଁନ୍ତି। ଧନୀରାଷ୍ଟ୍ରମାନେ ଦରିଦ୍ର ରାଷ୍ଟ୍ରର ଶାସକବର୍ଗଙ୍କୁ ସନ୍ତୁଷ୍ଟ କରିବାକୁ ଲଲିପପ୍ ଦେଇ ଦରିଦ୍ର ରାଷ୍ଟ୍ରର ମଣିଷମାନଙ୍କୁ ସେମାନଙ୍କର ଉଚିତ ନ୍ୟାୟରୁ ବଂଚିତ କରାଉଛନ୍ତି। ଦରିଦ୍ର ରାଷ୍ଟ୍ରର ଅପାରଗ ଶାସକ ଗୋଷ୍ଠୀ କିଛି ସୁବିଧା ବିନିମୟରେ ନିଜ ଦେଶର ଜନସାଧାରଣଙ୍କ ମାନବିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେବାରେ କୁଣ୍ଠା ପ୍ରକାଶ କରୁନାହାଁନ୍ତି। ଧନୀ ଦେଶର ବେକାରୀ ଲୋପ କରିବାକୁ ଦରିଦ୍ର ଦେଶରେ ବେକାରୀ କିପରି ବୃଦ୍ଧି ପାଇବ, ସେମାନେ ତାହାର ସୁଦୂରପ୍ରସାରୀ ଯୋଜନା କରୁଛନ୍ତି। ଦରିଦ୍ର ଦେଶମାନଙ୍କର ୧୫ ଶତାଂଶ ଲୋକ ଯଦି ଧନୀ ଦେଶମାନଙ୍କର ସ୍ୱଚ୍ଛଳ ଲୋକଙ୍କ ପରିସ୍ଥିତିରେ ରହନ୍ତି, ତେବେ ତୃତୀୟ ବିଶ୍ୱରେ ଯେଉଁ ଚାହିଦା ସୃଷ୍ଟି ହେବ, ତାହା ମେଂଟାଇବା ପାଇଁ ଧନୀ ଦେଶମାନଙ୍କରୁ ଆମଦାନୀ ବଢିବ। ଏହି ପ୍ରକ୍ରିୟାରେ ଦରିଦ୍ର ଦେଶମାନଙ୍କ ନିକଟରେ ସବୁଦିନ ପାଇଁ ଋଣଗ୍ରସ୍ତ ହେବାରେ ଲାଗିଛନ୍ତି। କେତେକ ଉଦାହରଣରୁ ଏହି ଦୃଶ୍ୟ ସ୍ପଷ୍ଟ ହୋଇଯିବ। ପ୍ରଥମେ ସ୍ୱାସ୍ଥ୍ୟ କଥା ବିଚାରକୁ ନିଆଯାଉ। ୧୯୭୮ ମସିହାରେ ସେତେବେଳର ସୋଭିଏତ୍ ୟୁନିଅନର କାଜାଗସ୍ଥାନର ଆଲମା-ଆଟାଠାରେ ବିଶ୍ୱର ସମସ୍ତଙ୍କ ପାଇଁ ବିଶେଷକରି ଦକ୍ଷିଣ ଗୋଲାର୍ଦ୍ଧର ବଂଚିତ ମାନଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦ୍ଦେଶ୍ୟରେ ଏକ ସମ୍ମିଳନୀ ବସିଥିଲା। ଏହି ସମ୍ମିଳନୀ ଶେଷରେ ଆଲମା-ଆଟା ଘୋଷଣାରେ "୨୦୦୦ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ"ର ଏକ ସ୍ଲୋଗାନ ଦିଆଗଲା। ଅନୁଭବ କରାଯାଇଥିଲା ଯେ, ପାଶ୍ଚାତ୍ୟ ଔଷଧ ଏବଂ ଚିକିତ୍ସା ମଡେଲ ଅତି ବ୍ୟୟସାପେକ୍ଷ। ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୃଷ୍ଟି କରିବାରେ ଏହି ବ୍ୟୟବହୁଳ ତଥାକଥିତ ଆଧୁନିକ ଚିକିତ୍ସା ପଦ୍ଧତି ସଫଳତା ଲାଭ କରିପାରିବ ନାହିଁ। ଏହି ପଦ୍ଧତିରୁ ଏକ ସଂଖ୍ୟାଲଘୁ ସୁବିଧାଭୋଗୀ ଗୋଷ୍ଠୀ କେବଳ ଉପକୃତ ହେଉଛନ୍ତି। ଏହି ବ୍ୟବସ୍ଥା ଫଳରେ ଦରିଦ୍ରଙ୍କ ରୋଗର ନିରାକରଣ ପରିବର୍ତେ ରୋଗର ମାତ୍ରା ଜୀବନଗ୍ରାସୀ ହେଉଛି। ପ୍ରାଥମିକ ସ୍ୱାସ୍ଥ୍ୟସେବା ଏହି ସମ୍ମିଳନୀରେ ଯେଉଁ ରୂପ ନେଲା, ସେଥିରୁ ଜଣାପଡିଲା ଯେ, ଏହା ଏକ ସମ୍ପୂର୍ଣ୍ଣ ବ୍ୟବସ୍ଥା ହେବ। ଏଥିରେ ସାଧାରଣ ମଣିଷକୁ ପ୍ରାଧାନ୍ୟ ଦିଆଯିବ ଏବଂ ଜନସାଧାରଣ ଏହି ବ୍ୟବସ୍ଥାରେ ସକ୍ରିୟ ଅଂଶୀଦାର ହେବେ। କେବଳ ସ୍ୱାସ୍ଥ୍ୟସେବା ଏହାର ଲକ୍ଷ୍ୟ ହେବନାହିଁ। ସ୍ୱାସ୍ଥ୍ୟକ୍ଷେତ୍ରରେ ସାମାଜିକ ଓ ରାଜନୈତିକ ଦିଗ ପ୍ରତି ଏହି ବ୍ୟବସ୍ଥା ଦୃଷ୍ଟି ଦେବ। ଜନସାଧାରଣଙ୍କ ଆବଶ୍ୟକତା ଓ ଦାବି ଦୃଷ୍ଟିରୁ ସ୍ୱାସ୍ଥ୍ୟସେବା କର୍ମଚାରୀ, ସ୍ୱାସ୍ଥ୍ୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଗୁଡିକ ମଧ୍ୟ ସାମାଜିକ ଦାୟିତ୍ୱ ସମ୍ପର୍କରେ ସଚେତନ ରହିବାକୁ ବାଧ୍ୟ ରହିବେ।

ଆଲମା-ଆଟା ଘୋଷଣା ପରେ ଦକ୍ଷିଣ ଗୋଲାର୍ଦ୍ଧର ଲୋକମାନଙ୍କ ପାଇଁ ଏକ ନୂତନ ସନ୍ଦେଶ ମିଳିଲା। ପାଶ୍ଚାତ୍ୟ ଔଷଧ ଏବଂ ଚିକିତ୍ସା ପ୍ରଣାଳୀରେ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ଭବ ନୁହେଁ ବୋଲି ଏକ ସଚେତନତା ସୃଷ୍ଟି ହେଲା। ତେଣୁ ବିକଳ୍ପ ଔଷଧ ଓ ଚିକିତ୍ସା (Alternative Medicine and Therapy) ଧାରଣା ଶକ୍ତିଶାଳୀ ହେଲା। ଏହି ସମ୍ମିଳନୀ ଓ ସିଦ୍ଧାନ୍ତ ଫଳରେ ଦରିଦ୍ର ଦେଶର ଜନସାଧାରଣଙ୍କୁ ନିଜ ସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକ୍ରମରେ ଅଂଶୀଦାର ହେବାର ଅଧିକାର ମିଳିବାର ସମ୍ଭାବନା ସୃଷ୍ଟି ହେଲା। ପ୍ରତ୍ୟେକ ଦେଶରେ ସ୍ୱକୀୟ ଔଷଧ ଓ ଚିକିତ୍ସା ମୌଳିକ ଦୃଷ୍ଟିରୁ ରହିଆସିଛି। ଶତାବ୍ଦୀ ଶତାବ୍ଦୀ ଧରି ସାଧାରଣ ଲୋକେ ଅଳ୍ପ କିମ୍ବା ବିନା ଖର୍ଚ୍ଚରେ ନିଜର ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଆସିଛନ୍ତି। ଯେପରି ଭାରତରେ ଆୟୁର୍ବେଦ, ୟୁନାନୀ ଓ ଗ୍ରାମାଚଂଳର ତଥା ବନ୍ୟ ଅଂଚଳର ଜଡିବୁଟି ଚିକିତ୍ସା ସମସ୍ତ ଭାରତୀୟଙ୍କୁ ସହଜରେ ଏବଂ ଅଳ୍ପ ବ୍ୟୟରେ ମିଳିଆସିଥିଲା। ଆଲମା-ଆଟା ସମ୍ମିଳନୀର ଆଲୋଚନାରୁ ଏକ ଧାରଣା ଜନ୍ମ ନେଲା ଯେ, ସାଧାରଣ ଲୋକେ ଏହି ସହଜଲଭ୍ୟ ଚିକିତ୍ସା ପ୍ରଣାଳୀର ନିୟାମକ ହେବେ, ଯଦ୍ଦ୍ୱାରା ସେମାନେ ନିଜ ଜୀବନରକ୍ଷା ଓ ସ୍ୱାସ୍ଥ୍ୟରକ୍ଷାର ଦାୟିତ୍ୱ ନିଜେ ନେବେ। ସବୁ ଦେଶରେ ପାଶ୍ଚାତ୍ୟ ଔଷଧ ଏବଂ ଚିକିତ୍ସା ପ୍ରଣାଳୀର ପ୍ରଚଳନ ଥିବାରୁ ଏହି ଦେଶଗୁଡିକର ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟ-ପ୍ରଶାସକ ଏବଂ ତଥାକଥିତ ସ୍ୱାସ୍ଥ୍ୟ-ବିଶାରଦମାନେ ପରିକଳ୍ପିତ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ କିପରି ପଣ୍ଡ କରିବେ, ତାହାର ଉପାୟ ଚିନ୍ତା କଲେ। ଧନୀ ରାଷ୍ଟ୍ରମାନଙ୍କର ଔଷଧ କମ୍ପାନୀ ଏବଂ ଯନ୍ତ୍ରପାତି ନିର୍ମାଣ କରୁଥିବା କମ୍ପାନୀମାନେ ସେମାନଙ୍କର ବ୍ୟବସାୟର ଭବିଷ୍ୟତ ବିପନ୍ନ ବୋଲି ଦେଖିପାରି ଦରିଦ୍ର ଦେଶର ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପ୍ରଭାବିତ କଲେ। ଏହି ଧାରଣା ଓ ବ୍ୟବସ୍ଥାକୁ ପଣ୍ଡ କରିବାକୁ ୩ଟି ପର୍ଯ୍ୟାୟରେ ଉଦ୍ୟମ କରାଗଲା। ପ୍ରଥମଟି ହେଲା-୧୯୮୦ ଦଶକର ଆରମ୍ଭରେ ପ୍ରଚଳିତ ପାଶ୍ଚାତ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରାଥମିକ ସ୍ୱାସ୍ଥ୍ୟ ପରିଚାଳନାରେ ଅଲିକ୍ଷିତ ଭାବରେ ପ୍ରଚଳନ କରାଇବା। ୮୦ ଦଶକର ଶେଷଭାଗକୁ ବିଚାର କରାଗଲା ଯେ, ଚିକିତ୍ସାରେ ଯାହା ଖର୍ଚ୍ଚ କରାଯାଉଛି, ତାହାର ଏକ ଅଂଶ ପ୍ରକୃତ ଚିକିତ୍ସାଭୋଗୀଠାରୁ ଆଦାୟ କରିବା। ଏହି କ୍ରମରେ ଚିକିତ୍ସା ପାଇଁ ଇଚ୍ଛୁକ ଶ୍ରେଣୀ ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବେ। ଏହା ବିଶ୍ୱସ୍ତରରେ ଏପରି ଭାବରେ ପ୍ରବର୍ତିତ ହେଲା ଯେ ଦରିଦ୍ର ଦେଶର ସରକାରମାନଙ୍କର ସ୍ୱାସ୍ଥ୍ୟ ବିଭାଗର ବଜେଟରେ ଯଥେଷ୍ଟ କାଟଛାଂଟ ଆରମ୍ଭ ହେଲା ଏବଂ ତାହାସହିତ ପାଶ୍ଚାତ୍ୟ ଔଷଧ ଏବଂ ଯନ୍ତ୍ରପାତି କିଣା ଇତ୍ୟାଦିରେ ବଜେଟରେ ଏକ ସିଂହ ଅଂଶ ଖର୍ଚ୍ଚ କରାଗଲା। ଔଷଧ କମ୍ପାନୀମାନେ ସରକାରଙ୍କ ସ୍ୱାସ୍ଥ୍ୟ ପ୍ରଶାସକମାନଙ୍କୁ ବିଭିନ୍ନ ବାଟରେ ପ୍ରଲୁବ୍ଧ କରାଇ ପାଶ୍ଚାତ୍ୟ ଚିକିତ୍ସା ବ୍ୟବସ୍ଥାକୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରୁ ଆରମ୍ଭ କରି ଉପର ପର୍ଯ୍ୟନ୍ତ ପୂର୍ବଠାରୁ ଅଧିକ ଶକ୍ତିଶାଳୀ କରିଦେଲେ। ତାହାପରେ ୧୯୯୦ ମସିହା ବେଳକୁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ନେତୃତ୍ୱରେ ବିଶ୍ୱ ସ୍ୱାସ୍ଥ୍ୟନୀତିରେ ତୃତୀୟ ବିଶ୍ୱର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦାୟିତ୍ୱ ବିଶ୍ୱବ୍ୟାଙ୍କ ହାତକୁ ଚାଲିଗଲା। ସେତେବେଳକୁ ଗାଟ୍‌ର ଉରୁଗୁଏ ରାଉଣ୍ଡ ଆରମ୍ଭ ହୋଇଯାଇଥିଲା। ତେଣୁ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ପରି ଏକ ମହାନ୍ କାର୍ଯ୍ୟକ୍ରମର ନେତୃତ୍ୱ ନେବାପାଇଁ ଦରଦୀ ବିଶ୍ୱବ୍ୟାଙ୍କ ଏବଂ ପୃଥିବୀର ବହୁରାଷ୍ଟ୍ରୀୟ ଔଷଧ କମ୍ପାନୀମାନେ ଆଗଭର ହୋଇଉଠିଲେ। ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କରେ ପ୍ରାଥମିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରତ୍ୟେକ ଦେଶର ମାଟି, ପାଣି, ପବନରେ ମିଳୁଥିବା ମୌଳିକ ଚିକିତ୍ସା ଦ୍ୱାରା ଦେଶଟି ସ୍ୱାବଲମ୍ବୀ ହେବାର ସ୍ୱପ୍ନ ଏହି ଉପାୟରେ ପଣ୍ଡ କରି ଦିଆଗଲା। ଆଜି ୨୦୨୨ରେ ମଧ୍ୟ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଏପରି ନିମ୍ନଗାମୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ତଥା ଭଗବାନଙ୍କର ଦ୍ୱିତୀୟ ଅବତାର ସାଜିଥିବା ଡାକ୍ତରମାନେ ଗରିବମାନଙ୍କୁ ଘରୋଇ ଚିକିତ୍ସାଳୟ ମାଧ୍ୟମରେ କିପରି ଶୋଷଣ କରୁଛନ୍ତି, ତାହା ହାଟରେ ପଡ଼ି ବାଟରେ ଗଡଗଡାଉଛି। ଏହା କ'ଣ ଆମ ମାନବିକ ମୂଲ୍ୟବୋଧର ସଂଜ୍ଞା ?

**—ଉମାଶଙ୍କର ପ୍ରସାଦ**
*ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

# ସାଇ କରୁଣା

**ଇଂ. ସଚ୍ଚିଦାନନ୍ଦ ନନ୍ଦ**



ସାଇଙ୍କ କରୁଣା କଥା ଭାବିଲେ, ସ୍ମୃତିର ପ୍ରଚ୍ଛଦପଟରେ ଭାସି ଆସେ ମସ୍‌ଜିଦ୍ ସମ୍ମୁଖରେ ଥିବା ସେ କୁଣ୍ଡଟି ଯେଉଁଠି ଭିକ୍ଷା ସଂଗୃହିତ ରୁଟି ତଥା ଅନ୍ୟ ଖାଦ୍ୟପଦାର୍ଥଗୁଡ଼ିକ, ଯାହାକୁ ଘର ପରିଷ୍କାର କରିବାକୁ ଆସୁଥିବା ମହିଳା ସହ, କୁଆ କୁକୁର ତଥା ଅନ୍ୟ କ୍ଷୁଧିତ ପ୍ରାଣୀମାନେ ମଧ୍ୟ ଭକ୍ଷଣ କରିଥା'ନ୍ତି। ଏହା ଦିନେ ଦି' ଦିନର କଥା ନୁହେଁ; ବରଂ ପ୍ରତିଦିନର ମୁଖ୍ୟ ଭୂତ ଯଜ୍ଞ। ଅବତାରମାନେ ଏକ ସଙ୍ଗେ କେତେ କେତେ ଭଲ କାମ, ଶିକ୍ଷାପ୍ରଦ କାମ, ଫଳପ୍ରଦ କାମ ନିଜେ କରି ଅନ୍ୟମାନଙ୍କୁ ଶିଖାଇଥାଆନ୍ତି ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ଯାହାର ଘର ଅଛି, ଚୁଲି ଜଳି ଖାଦ୍ୟ ପଦାର୍ଥ ରନ୍ଧନ ହେଉଛି ସେମାନଙ୍କ ଦ୍ୱାରା ଏ କାମ ହୋଇପାରୁ ନଥିବାବେଳେ, ଘର ନଥାଇ, ଚୁଲି ନ ଜଳି, ରୋଜଗାର ନଥାଇ କେବଳ ଏକ କରୁଣାପୂର୍ଣ୍ଣ ହୃଦୟ ଥିବାରୁ ଏହା ସମ୍ଭବ ହୋଇପାରୁଥିଲା। ଅବତାରମାନେ ସଦାସର୍ବଦା ଏଭଳି ଏକ ଦରଦୀ ହୃଦୟ ଧରି ଆସିଥାଆନ୍ତି। ସେ ନିଜକୁ ଭିକ୍ଷୁକ ସଜାଇ ଆସନ୍ତୁ, ରାଜପରିବାରରେ ଜନ୍ମଲାଭ କରିଥା'ନ୍ତୁ ବା ଗୃହୀ, ସଂସାରୀ ହୋଇଥାଆନ୍ତୁ ସେ ଏହିଭଳି ସମବେଦନା ଓ ଜୀବ ଦୟା ନିଶ୍ଚିତ ଭାବେ ପ୍ରଦର୍ଶନ କରିଥାଆନ୍ତି। ସେ ପରା ଆମକୁ କହନ୍ତି ହୃତ୍+ଦୟା = ହୃଦୟା। ଏଠାରେ ହୃତ୍‌ପିଣ୍ଡ ଏ କାମ କରେ ନାହିଁ ହୃଦୟ ଆବଶ୍ୟକ। ଯୁଗକୁ ଯୁଗ ତାଙ୍କ ଦେହର ଆକାର ପ୍ରକାର ବଦଳିଯାଏ, ରୂପ, ଭେକ, ବଦଳିଯାଏ, କିନ୍ତୁ ହୃଦୟ ଅତୀବ କୋମଳ ଓ ତରଳ ହୋଇଥାଏ। କରୁଣାର ସ୍ରୋତସ୍ୱିନୀ ପ୍ରବାହିତ ହୋଇଯାଏ। ସେ ସ୍ରୋତରେ କେବଳ ମାନବ ନୁହେଁ, ସମସ୍ତ ପ୍ରକାର ସ୍ଥଳଚର, ଜଳଚର ଓ ଆକାଶଚର ପ୍ରାଣୀଙ୍କ ସହିତ ଅଦୃଶ୍ୟ ଶରୀରରେ ଥିବା ପ୍ରେତଲୋକରେ ଥିବା ତଥା ଭୂଲୋକରୁ ଆରମ୍ଭ କରି ସତ୍ୟଲୋକ ପର୍ଯ୍ୟନ୍ତ ସବୁ ପ୍ରକାର ପ୍ରାଣୀମାନେ ଦୈହିକ, ମାନସିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ସ୍ତରର କରୁଣା ଲାଭ କରିଥା'ନ୍ତି। ମାନବ ଶରୀରଧାରୀ ତପସ୍ୱୀ, ସାଧକ, ଯୋଗୀ ଋଷିଙ୍କଠାରୁ ଆରମ୍ଭ କରି ଚୋର, ତସ୍କର, ସମାଜର ଶତ୍ରୁ, ଅପହରଣକାରୀ ତଥା ଅମଣିଷମାନେ ମଧ୍ୟ ତାଙ୍କ କରୁଣାରୁ ଉପକାର ପାଇଯାଆନ୍ତି। ଯଦି କେହି ତାଙ୍କଦ୍ୱାରା ପ୍ରଦତ୍ତ ଦଣ୍ଡରେ ଦଣ୍ଡିତ ହୁଏ, ତେବେ ମଧ୍ୟ ସେ ଭାଗ୍ୟବାନ ବୋଲି ପରିଗଣିତ ହୁଏ। ତପସ୍ୱୀ ଅମୃତାନନ୍ଦ ବାଲ୍ୟକାଳର ମହାଯଜ୍ଞର ଫଳ ପାଇ ନଥିବାରୁ ଏକପ୍ରକାର ହତାଶ ସହ ନିର୍ଜୀବ ସାଧନାରେ ଥିଲେ। ଭଗବାନ ତାଙ୍କ କୁଟୀରରେ ଉପସ୍ଥିତ ହୋଇ ତାଙ୍କ ଗୁରୁରମଣ ମହର୍ଷିଙ୍କ ସ୍ନେହସିକ୍ତ କଣ୍ଠସ୍ୱରରେ ସମ୍ବୋଧନ କରି କଥୋପକଥନ ଛଳରେ ବାଲ୍ୟକାଳ ଯଜ୍ଞର ଫଳଶ୍ରୁତିକୁ ସାକାର କରିଦେଲେ। ତପସ୍ୱୀଙ୍କ ଜୀବନ ତେଜୋଦୀପ୍ତ ହେଲା, ସେ ନୂତନ ଉଦ୍ଦୀପନା ଲାଭ କଲେ ଏବଂ କୌଣସି ତପସ୍ୟା ବୃଥା ଯାଏନାହିଁ ଉକ୍ତିଟି ସତ୍ୟରେ ପରିଣତ ହେଲା। କି କରୁଣା କେଉଁ ପରିମାଣର କରୁଣା, କେଉଁ ପରିପ୍ରେକ୍ଷୀର କରୁଣା ଏହା କେବଳ କଳାନାତୀତ। ମହାନ ତପସ୍ୱୀମାନଙ୍କ ପାଇଁ ତାଙ୍କର ଯେତିକି କରୁଣା କୁଟନ୍ (ଗାଁର କୁକୁର) ପାଇଁ ତତୋଽଧିକ କରୁଣା। ତା'ର ତପସ୍ୟା କ'ଣ ଥିଲା, କେବଳ ଭଗବାନ ହିଁ ଜାଣିପାରୁଥିବେ। ଗ୍ରାମବାସୀମାନେ ବାବାଙ୍କୁ ସ୍ୱାଗତ କରିବାରେ ବ୍ୟସ୍ତ ରହି, ସେଥିରେ ଅସୁବିଧା ଘଟାଇବା ଭୟରେ ତାଙ୍କୁ ଦୂରସ୍ଥ କୌଣସି ସ୍ଥାନରେ ବାନ୍ଧି ରଖିଥିଲେ, ଯାହା କରୁଣାବତାର ବାବାଙ୍କଠାରୁ ଲୁଚି ରହି ନଥିଲା। ତାକୁ ବନ୍ଧନମୁକ୍ତ କରିବାକୁ ଆଦେଶ ଦିଅନ୍ତେ, କୁଟନ୍ ଅତିଶୟ ଆନନ୍ଦରେ ସଭାସ୍ଥଳକୁ ଆସି କାହାରି କିଛି ଅସୁବିଧା ନକରି କେବଳ ଭଗବାନଙ୍କ ପାଦାଶ୍ରୟ ଖୋଜିଥିଲା। ନିର୍ବିଘ୍ନରେ ସଭାକାର୍ଯ୍ୟ ସମାପନ ହେଲା। ବାବାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଗଲା। ଗ୍ରାମବାସୀମାନେ ଫେରିଆସି ଦେଖନ୍ତି ତ' କୁଟନ ବାବାଙ୍କ ପାଦାସନ ପାଖରେ ନିଶ୍ଚିନ୍ତରେ ଚିରଦିନ ପାଇଁ ଶୋଇଯାଇଛି। ଗ୍ରାମବାସୀ ଭକ୍ତମାନଙ୍କ ପାଇଁ ଯାହା ଦୁର୍ଲ୍ଲଭ ତାହା କୁଟନ ପାଇଁ ଅତି ସୁଲଭ ଥିଲା। ତାହା କ'ଣ କୁଟନର ଭକ୍ତିର ପୁରସ୍କାର ନା ପୁରସ୍କାର ପ୍ରଦାତାଙ୍କ କରୁଣା ? ବିଦେଶୀ ଯୁବ ପାଇଲଟ ଆଲଡ୍ରୁକର ଆକାଶପଥରେ ବିମାନ ଉଡାଇ ଯାଉ ଯାଉ ଘନ ଅନ୍ଧକାରପୂର୍ଣ୍ଣ ମୃତ୍ୟୁର କରାଳ ଲହରୀରେ ପଡ଼ିଗଲେ। ନିଜର ବୁଦ୍ଧିବଳ,



ବାହୁବଳ, ସାଥୀ ପାଇଲଟର ଜୀବନକୁ ବ□ାଉ ବ□ାଉ ନିଜ ଜୀବନ ବିପଦପୂର୍ଣ୍ଣ ହୋଇଥିଲା। ଶେଷକୁ ଅନନ୍ୟୋପାୟ ହୋଇ ବିକଳ ହୋଇ ଡାକନ୍ତି-'ହେ ଦୟାମୟ ଭଗବାନ, ମୁଁ ବ□ିବାକୁ ଚାହେଁ, ମୋତେ ରକ୍ଷା କର।' ସେତେବେଳେ ସେ ସାଇବାବାଙ୍କୁ ଚିହ୍ନି ନଥିଲେ କି ତାଙ୍କ ମହିମା ବିଷୟରେ ଅବଗତ ନଥିଲେ। ସେ ସିନା ଚିହ୍ନି ନଥିଲେ କିନ୍ତୁ କରୁଣାମୟ ସମସ୍ତଙ୍କୁ ଜାଣିଥା'ନ୍ତି। ଠିକ୍ ଏକ ଦକ୍ଷ ବୈମାନିକ ଭଳି, ବୈମାନିକ ଭାଷାରେ ନିର୍ଦ୍ଦେଶ ଦେଲେ, 'କେଉଁ ଦିଗରେ ଗଲେ ତୋ ବିମାନର ଇନ୍ଧନ ସରିବା ପୂର୍ବରୁ ତୁ ନିରାପଦ ସ୍ଥାନରେ ପହ□ିପାରିବୁ। ବୁଡ଼ିଗଲା ବେଳକୁ କୁଟାଖିଅ ଭରସା ଭଳି ଆଲଡ୍ରୁକର ସେ ନିର୍ଦ୍ଦେଶକୁ ମାନିନେଲେ। ଠିକ୍ ସେହି ନିର୍ଦ୍ଦେଶାନୁସାରେ ବିମାନର ଇନ୍ଧନ ସରିବା ପୂର୍ବରୁ ସଠିକ୍ ବିମାନଘାଟୀରେ ଅବତରଣ କରିଗଲେ। ପରେ ଅନୁସନ୍ଧାନରୁ ଜାଣିପାରିଲେ ବିପଦ କାଳରେ ତାଙ୍କୁ ପ୍ରାର୍ଥନା ନ କରିଥିଲେ ମଧ୍ୟ ଯିଏ ତାଙ୍କୁ ନିର୍ଦ୍ଦେଶ ଦେଇ ନିରାପତ୍ତା ସୁନିଶ୍ଚିତ କରିଥିଲେ ସେ ସତ୍ୟସାଇଙ୍କ ଛଡ଼ା ଆଉ କେହି ନୁହେଁ। ଅନ୍ତର ତାଙ୍କର ଭରିଗଲା କୃତଜ୍ଞତାରେ। ଚିରଦିନ ପାଇଁ ପଦ୍ମପାଦର ଉପାସକ ହୋଇଗଲେ ବୈମାନିକ ଆଲଡ୍ରୁକର।

ଥରେ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଶାନ୍ତି ଯାତ୍ରା ଓ ରହଣୀ ସମୟରେ ବାବା କଲେଜର ପିଲାମାନଙ୍କୁ ଡାକି କହିଲେ, ପ୍ରଧାନମନ୍ତ୍ରୀ ଝିଟିପିଟିକୁ ଭୟ କରନ୍ତି, ଦେଖ ତାଙ୍କ ଶୟନ କକ୍ଷରେ ଗୋଟିଏ ହେଲେ ଝିଟିପିଟି ଯେପରି ନ ରହନ୍ତି। ପିଲାମାନେ ଫେରି ଯାଉ ଯାଉ ପୁନଶ୍ଚ ଡାକି କହିଲେ, ଝିଟିପିଟିମାନଙ୍କୁ କିପରି ବାହାର କରିବ ? ଛାତ୍ରମାନଙ୍କ ଉତ୍ତର ଶୁଣି କହିଲେ, ସେଗୁଡ଼ିକ ଏପର୍ଯ୍ୟନ୍ତ ନିଜ ଘର ଭଳି ସେ କକ୍ଷରେ ରହିଆସୁଥିଲେ। ଦିନକ ପରେ ସେମାନେ ପୁଣି ସେଠାରେ ରହିବେ। ତେଣୁ ତାଙ୍କୁ ଭୟ ଦେଖାଇବ ନାହିଁ, ବିଷାକ୍ତ ବାଷ୍ପ ପ୍ରୟୋଗ କରିବନାହିଁ, ଧୀରେ ଧୀରେ ତାଙ୍କୁ କଷ୍ଟ ନ ହେଲାଭଳି କେବଳ ଘଉଡାଇ ଦେବ। ସାମାନ୍ୟ ଝିଟିପିଟିମାନଙ୍କ ପାଇଁ ମଧ୍ୟ କି ଉନ୍ନତ ଭାବ। ଏହା ସମ୍ଭବ କେବଳ ଗୋଟିଏ କରୁଣାପୂର୍ଣ୍ଣ ହୃଦୟ ପକ୍ଷରେ। ଦିବ୍ୟ ଜୀବନ ସଂଘର ଋଷିକେଶ ଆଶ୍ରମର ମୁଖ୍ୟ ଥା'ନ୍ତି କ୍ରିଷ୍ଣାନନ୍ଦ ସରସ୍ୱତୀ। ସେ ଗୋଟିଏ ସାଧନା କରିବାକୁ ଆରମ୍ଭ କଲେ। ନାରଦଙ୍କ ପରି ଭୂଲୋକରେ ଦେହକୁ ଛାଡ଼ି, ଭୁବଲୋକ, ସ୍ୱଃଲୋକ, ମହଲୋକ ପ୍ରଭୃତି ଲୋକରେ ବିଚରଣ କରିବାର ଶକ୍ତି ହାସଲ କରିଥିଲେ। ଦିନେ ସେ ଭାବିଲେ ଏବେ ସତ୍ୟଲୋକକୁ ଯାଇ ସେଠାକାର ଅନୁଭୂତି ହାସଲ କଲେ କେମିତି ହୁଅନ୍ତା ! ତାଙ୍କର ସେ ଶକ୍ତି ଥିଲା ଏବଂ ତା' ବଳରେ ସେ ଜନଲୋକ ତପଲୋକ ଅତିକ୍ରମ କରି ସତ୍ୟଲୋକରେ ପହ□ିଗଲେ। କୌଣସି କାରଣରୁ ସେଠାରୁ ଫେରିପାରିଲେ ନାହିଁ। ଫେରି ନପାରିବା କଷ୍ଟରୁ ଉଦ୍ଧାର କରିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀଙ୍କୁ କାତର ପ୍ରାର୍ଥନା କଲେ। ହଠାତ୍ ଜଣେ ଅଚିହ୍ନା ବ୍ୟକ୍ତି, କମଳା ରଙ୍ଗର ଗାଉନ୍ ଓ ଘ□ କେଶରେ ସଜ୍ଜିତ ହୋଇ ତାଙ୍କ ହାତ ଧରି କୋମଳ କଣ୍ଠରେ କହିଲେ, 'କ୍ରିଷ୍ଣାନନ୍ଦ ଆସ ମୁଁ ତୁମକୁ ତୁମ ଦେହ ପର୍ଯ୍ୟନ୍ତ ନେଇଯିବି। କ୍ରିଷ୍ଣାନନ୍ଦ ତାଙ୍କ କଥା ମାନିଗଲେ ଏବଂ ଲୋକ ପରେ ଲୋକ ପାରି କରାଇ ସେ ଭୂଲୋକରେ ଥିବା ତାଙ୍କ ଦେହ ପର୍ଯ୍ୟନ୍ତ ଘେନି ଆସିଲେ। କ୍ରିଷ୍ଣାନନ୍ଦ ପଚାରିଲେ, ଆଜ୍ଞା ମୁଁ ତ ମୋ ଗୁରୁ ଶିବାନନ୍ଦଙ୍କୁ ପ୍ରାର୍ଥନା କରୁଥିଲି, ଆପଣ କିଏ, କେମିତି ମୋ' କଷ୍ଟ ବୁଝିପାରି ମୋତେ ଏ ଅଲୌକିକ ସାହାଯ୍ୟ କଲେ? ତା' ସହିତ ଆସିବା ବାଟରେ ମୁଁ ଦେଖିଲି ପ୍ରତ୍ୟେକ ଲୋକ ବାବଦରେ ଆପଣଙ୍କ ବିଶେଷ ଜ୍ଞାନ ଅଛି ଏବଂ ସମସ୍ତେ ଆପଣଙ୍କୁ ସମ୍ମାନ ଜଣାଉଥିଲେ। ସାହାଯ୍ୟକର୍ତ୍ତା ଉତ୍ତର ଦେଲେ, 'ଯିଏ ଯେଉଁ ନାମ ଓ ରୂପକୁ ପ୍ରାର୍ଥନା କଲେ ବି ମୁଁ ସମସ୍ତଙ୍କୁ ସାହାଯ୍ୟ କରେ, ସେଥିରେ ମୋର ଆନନ୍ଦ।' ତୁମ ସାଧନା ସଫଳ ହେବାରେ ମୁଁ ତୁମକୁ ଆହୁରି ସାହାଯ୍ୟ କରିବି, ଆଗେଇଚାଲ। ଏତେ ଗୁରୁତ୍ୱପୂର୍ଣ୍ଣ କଥାରେ ନିଜ କରୁଣାର ଧାରା ପ୍ରବାହିତ କରିପାରୁଥିବା ପରମାତ୍ମା ତାଙ୍କ ସୃଷ୍ଟିର ସାମାନ୍ୟ ଜୀବକୁ ମଧ୍ୟ ହେଳା କରିନାହାନ୍ତି। ତାଙ୍କ କାରଚକ ତଳେ ମରିବାକୁ ଯାଉଥିବା ସାପକୁ ମଧ୍ୟ ସେ ବିନା ପ୍ରାର୍ଥନାରେ କରୁଣା କରିଛନ୍ତି। ତାଙ୍କ ପାଇଁ ପାହାଡ଼ ଉପରକୁ ପାଣି ବୋହିଥିବା ମଇଁଷିକୁ ମଧ୍ୟ କୃତଜ୍ଞତା ନଜଣାଇ ଜଣେ ବିଶିଷ୍ଟ ଲୋକ ଭଳି ଚାଲିଯାଇ ନାହାନ୍ତି। ସାଇଗୀତାର ଦେହାବସାନରେ ତା' କୁଟୁମ୍ବର ଲୋକ ଭଳି ଲୋତକର ଧାରା ବୁହାଇଛନ୍ତି। ତାଙ୍କୁ ବିଷ ବରା ଦେଇ ଜୀବନରୁ ମାରିବା ମନୋବୃତ୍ତି ଲୋକଙ୍କୁ ମଧ୍ୟ କରୁଣାଶୀର୍ବାଦ ଦେଇ ଭକ୍ତି ମାର୍ଗରେ ଆଗେଇ ନେଇଛନ୍ତି। ଏଇ କଳିଯୁଗରେ ଭଗବାନ ବୁଦ୍ଧଙ୍କୁ ତାଙ୍କ କରୁଣା ପାଇଁ ଦଶାବତାର ମଧ୍ୟରୁ ଗୋଟିଏ ସ୍ଥାନ ମିଳିଛି। ଏହାପୂର୍ବରୁ ଦେବାସୁରଙ୍କ ସାଗର ମନ୍ଥନ ବେଳେ ହଳାହଳ ପାନ କରି ଭଗବାନ ମହେଶ୍ୱର ଯାହା କଲେ ସେ ମଧ୍ୟ କରୁଣାବତାର ଆଖ୍ୟା ଲାଭ କରିଥିଲେ। ବର୍ତ୍ତମାନ ଆମ ସମକ୍ଷରେ ଆମ ସମସାମୟିକ ଭାବେ ଆମର ଜନମାନସରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଭଗବାନ ଶ୍ରୀ ସତ୍ୟସାଇବାବା। କରୁଣା କ'ଣ ତାହା ଆଉ ପୁସ୍ତକ ପୃଷ୍ଠାରୁ ଖୋଜିବାକୁ ପଡ଼ିବ ନାହିଁ। ସେ ହିଁ କରୁଣାର ପ୍ରତିମୂର୍ତ୍ତି, ସେ ହିଁ କରୁଣାର ଚିର ପ୍ରବାହିତ ସ୍ରୋତସ୍ୱିନୀ। ତାଙ୍କୁ କରୁଣାର ସାଗର ବୋଲି ସମ୍ବୋଧନ କରିବାକୁ ସେ କହିଥିଲେ, 'ସାଗରର ଏକ ସୀମା ଅଛି, ମୋ କରୁଣାର ସୀମା ନାହିଁ।' ତେଣୁ ତାଙ୍କୁ ସୀମାତୀତ କରୁଣାର ପ୍ରତ୍ୟକ୍ଷାତ୍ମା କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ।

*-ଅଲିଶା ବଜାର, କଟକ,*
*ଦୂରଭାଷ: ୯୪୩୭୫୧୧୨୩୦*




# ସିଆଇଟିୟୁ,ଓଡିଶା କୃଷକ ସଭା ଓ ଓଡିଶା କ୍ଷେତମଜଦୁର ୟୁନିଅନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ

କେନ୍ଦ୍ରାପଡ଼ା,(ପି.ଏନ) : ସିଆଇଟିୟୁ, ଓଡିଶା କୃଷକ ସଭା ଓ ଓଡିଶା କ୍ଷେତମଜଦୁର ୟୁନିଅନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଆକାଶଛୁଆଁ ଦରବୃଦ୍ଧିକୁ ରୋକିବା, ଅତ୍ୟାବଶ୍ୟକ ସାମଗ୍ରୀକୁ ଜିଏସଟି ମୁକ୍ତ କରିବା, ବେକାରଙ୍କୁ ନିଯୁକ୍ତି ଦେବା, ଠିକା ଓ ଆଉଟସୋର୍ସିଂ ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ କରିବା, କୃଷିଋଣ ଛାଡ କରିବା, ସରକାରୀ ଉଦ୍ୟୋଗକୁ ଘରୋଇ କମ୍ପାନୀ ହାତରେ ଟେକି ଦେବାକୁ ବନ୍ଦ କରିବା, ଚାରିଟି ଶ୍ରମ କୋର୍ଡ ବାତିଲ କରି ୪୪ଟି ଶ୍ରମ ଆଇନର ପୁନଃ ପ୍ରଚଳନ କରିବା, ବିଦ୍ୟୁତ ବିଲ-୨୦୨୦କୁ ପ୍ରତ୍ୟାହାର କରିବା, ବାସହୀନମାନଙ୍କୁ ଘରଡିହ ଓ ବାସଗୃହ




ଯୋଗାଇ ଦେବା, ମନରେଗା ଯୋଜନାରେ ବର୍ଷକୁ ୨ଶହ ଦିନର କାମ ଓ ଦୈନିକ ମଜୁରୀ ୭ଶହ ଟଙ୍କା ଦେବା ପ୍ରଭୃତି ଦାବିରେ ଏକ ପଟୁଆର ସ୍ଥାନୀୟ ପୌରସଂସ୍ଥା କାର୍ଯ୍ୟାଳୟ ନିକଟରୁ ବାହାରି ବଜାର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଆଇନ ଅମାନ୍ୟ ହୋଇଥିଲା। ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା କୃଷକ ସଭାର ଜିଲ୍ଲା ସମ୍ପାଦକ ଗୟାଧର ଧଳ, ରାଜ୍ୟ ସରକାରୀ କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ଓସିଡବ୍ଲୁ ନେତା ଧନେଶ୍ୱର ରାଉତ, କ୍ଷେତମଜଦୁର ୟୁନିଅନର ଜିଲ୍ଲା ଆବାହକ ଭୀମସେନ ବେହେରା, କୃଷକନେତା ଦାଶରଥି ସାହୁ, ଅକ୍ରୁର ପଲେଇ, ଶ୍ରମିକ ନେତା ବିନୟ ଭୂଷଣ ମଲିକ, ମାନଭଞ୍ଜନ ଷଡଙ୍ଗୀ, ଯୁବନେତା ଦୁଷ୍ମନ୍ତ କୁମାର ଦାସ, ଛାତ୍ରନେତା ମାନସ ବେହୁରା ପ୍ରମୁଖ ବକ୍ତବ୍ୟ ରଖିବା ସହ ନେତୃତ୍ୱ ନେଇଥିଲେ। ଏହି ଆଇନ ଅମାନ୍ୟ ଆନ୍ଦୋଳନରେ ପୋଲିସ କାହାରିକୁ ଗିରଫ କରିନଥିବା ସୂଚନା ମିଳିଛି।

# ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ, ମଧୁର ସମ୍ପର୍କର ସେତୁ ହେଉ ଗାଁ ସାହିତ୍ୟ

ଢେଙ୍କିକୋଟ,(ପି.ଏନ):ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଅଗ୍ରଣୀ ସ୍ୱାମପାଟଣା ଆଂଚଳିକ ମହାବିଦ୍ୟାଳୟ ପରିସରରେ ଆୟୋଜିତ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନେ ଆରାଧ୍ୟା ଦେବୀ ମା'ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କାଳଜୟୀ ଦିବଂଗତ ଆତ୍ମା କବି କୁଙ୍କୁମ ନବକିଶୋର ମହାନ୍ତଙ୍କ ସୂକ୍ଷ୍ମଦର୍ଶୀ କାବ୍ୟ ସାହିତ୍ୟରେ ପଲ୍ଲୀ ଚିତ୍ରଣକୁ ନେଇ ଭାବପୂର୍ଣ୍ଣ ପର୍ଯ୍ୟାଲୋଚନା ଓ ସ୍ମୃତିଚାରଣ କରାଯିବା ସହ ତାଙ୍କ ଉଦ୍ଦେଶ୍ୟରେ ଏହି ସାହିତ୍ୟ ସମାରୋହ ସମର୍ପିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀର ବରିଷ୍ଠ ସଦସ୍ୟ କବି ପିନାକୀ ମିଶ୍ର ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ସାରସ୍ୱତ ସାଧକ ମିଳନୀ ସାହିତ୍ୟ ସଂସଦର ସଭାପତି ସ୍ୱାଭିମାନୀ କବି ଦେବାଶିଷ ଚକ୍ରବର୍ତ୍ତୀ, ସମ୍ମାନୀତ ବକ୍ତା ଭାବେ ପ୍ରାଧ୍ୟାପକ କବି ସୁଧାଂଶୁ ଦାଶ, ମିଳନୀର ସମ୍ପାଦକ କବି ଡଃ ଚିଞ୍ଚ ରନ ମିଶ୍ର, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଇଂ ବିଦ୍ୟାଧର ଦାଶ, ଅଜୟ ଦାଶ ପ୍ରମୁଖ ମଞ୍ଚାସୀନ ରହି ଗାଁ ମାଟିର ସାହିତ୍ୟ ଯେ ଚିର ଉଜ୍ଜ୍ୱଳ ଓ ଏହା ସମସ୍ତଙ୍କ ସହ ମଧୁର ସମ୍ପର୍କ ଯୋଡି ଦେଇଥାଏ ବୋଲି ବାର୍ତ୍ତା ରଖିଥିଲେ । ସାହିତ୍ୟ ଠୁଁ ଦୂରେଇ ଯାଉଥିବା ମଣିଷର ବିଷାଦର ଚିତ୍ରକୁ ଆଲୋକପାତ କରି ଭଲ ଜୀବନ ଜିଇଁବା ପାଁ ଇଂ ଶ୍ରୀ ଦାସ ପତ୍ରପତ୍ରିକା ଓ ସାହିତ୍ୟ ପଠନରେ ଆଜିର ପଥଭ୍ରଷ୍ଟ ଯୁବ ସମାଜ ମନୋନିବେଶ କରିବାକୁ ଆହ୍ୱାନ ଦେଇଥିଲେ । ଅଧିକା ମାତ୍ରାରେ ମୋବାଇଲ ପ୍ରତି ଆସକ୍ତ ନ ହେବାକୁ ମଧ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା କବି ଦେବାଶିଷ ଚକ୍ରବର୍ତ୍ତୀ ପୋଇପାଣି ଗ୍ରାମରେ ଜନ୍ମିତ କେନ୍ଦୁଝର ମାଟିର କାଳଜୟୀ ପ୍ରତିଭା କବି କୁଙ୍କୁମ ନବକିଶୋର ମହାନ୍ତଙ୍କ ପ୍ରାଣସ୍ପର୍ଶୀ ବର୍ଷା କବିତା, ବସନ୍ତ ବଲ୍ଲରୀ, ଚମ୍ପୂ ଓ ଅନ୍ୟାନ୍ୟ କାବ୍ୟ ସାହିତ୍ୟ ଉପରେ ଆଲୋଚନା ରଖିଥିଲେ।

# ଏକାଦଶ ରୁଦ୍ର ହଟ୍ଟକେଶ୍ୱର ଦେବଙ୍କ ପୀଠରେ ଭଜନ ସନ୍ଧ୍ୟା

ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଏକାଦଶ ରୁଦ୍ର ହଟ୍ଟକେଶ୍ୱର ଦେବଙ୍କ ପୀଠରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ରବିବାର ଦିନ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ।ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ବିଭିନ୍ନ ଦୂରଦୂରାନ୍ତରୁ ମାନସିକ ଧାରୀ ମାନେ ବାବା ହଟ୍ଟକଶ୍ୱରଙ୍କୁ ଜଳ ଲାଗି କରିବା ଲାଗି କାନ୍ଧରେ ବହନ କରି ଆସିଥାନ୍ତି । ଏଠାରେ ଏକ ଭକ୍ତି ଓ ଭାବର ପରିବେଶ ସୃଷ୍ଟି କରିବା ପାଇଁ ଶ୍ରଦ୍ଧାଳୁ ମାନଙ୍କ ମନରେ ଉତ୍ସାହ ଭରିବା ପାଇଁ ବିଶିଷ୍ଟ ଭଜନ ଗାୟକଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିବା ବେଳେ ମନ୍ଦିର କମିଟିର ସଭ୍ୟମାନେ ସହଯୋଗ କରିଥିଲେ ।

# ଅମୃତ ମହୋତ୍ସବରେ ଘରେ ଘରେ ଉଡିଲା ତ୍ରିରଙ୍ଗା

ଖୋର୍ଦ୍ଧା/ବେଗୁନିଆ,(ପି.ଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାଧିନତାର ଅମୃତ ମହୋତ୍ସବ ଓ ପୋଷାକ ବିତରଣ ଉପଲକ୍ଷେ ଛାତ୍ରଛାତ୍ରୀ ମାନେ ଘରେ ଘରେ ତ୍ରିରଙ୍ଗା ପତାକା ହାତରେ ଧରି ଉଡାଇବାକୁ ଅବଗତ କରାଇଥିଲେ । ଏ ନେଇ ବରିଷ୍ଠ ସହକାରୀ ଶିକ୍ଷକ ବସନ୍ତ ପ୍ରହରାଜଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ବେହେରା ମୁଖ୍ୟଅତିଥି, ସମାଜସେବୀ ଭିକାରୀ ଚରଣ ସାହୁ ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଂଚ ଶାନ୍ତିଲତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭଲ ଛାତ୍ର ଭାବେ ନିଜ ଦେଶର ଟେକ ରଖିବାକୁ ମତ ଦେଇଥିଲେ ।ପ୍ରଧାନ ଶିକ୍ଷୟିତ୍ରୀ ତିଳୋତମା ମହାପାତ୍ର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିବା ବେଳେ ଶିକ୍ଷକ ପ୍ରମୋଦ କୁମାର ଦାସ,ବସନ୍ତ କୁମାର ଜୟସିଂହ,ଦେବାଶିଷ ପୃଷ୍ଟି,ସନ୍ତୋଷ କୁମାର ବେହେରା ଓ ଶିକ୍ଷୟିତ୍ରୀ ମିନତୀ ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶ୍ରାବଣ ଶେଷ ସୋମବାରରେ ଝାଡେଶ୍ୱର ପୀଠରେ ଭକ୍ତଙ୍କ ଭିଡ

ଘଷିପୁରା,(ପି.ଏନ):ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ବାବା ଝାଡେଶ୍ୱର ମହାଦେବଙ୍କ ମନ୍ଦିରରେ ଆଜି ଦୂରଦୂରାନ୍ତରୁ ବହୁ କାଉଡିଆଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଦିନସାରା ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ସତ୍ତ୍ୱେ ମାନସିକଧାରୀମାନେ ମହାଦେବଙ୍କ ଠାରେ ଜଳ ଲାଗି କରିଥିଲେ । ହଜାର ହଜାର ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ତଥା ଶାନ୍ତି ଶୃଙ୍ଖଳା ପାଇଁ ସ୍ଥାନୀୟ ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଭକ୍ତମାନେ ଶୃଙ୍ଖଳିତ ଭାବେ ମହାଦେବଙ୍କ ଦର୍ଶନ ସହ ଜଳାଭିଷେକ କରିଥିଲେ । ଝାଡେଶ୍ୱର ମନ୍ଦିର କମିଟି ତରଫରୁ ଭକ୍ତ ତଥା କାଉଡିଆଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ବିଜେଡି ଯୁବନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ଦେବାଶିଷ ପାତ୍ର ଭକ୍ତଙ୍କ ଧାଡିରେ ରହି ମହାଦେବଙ୍କୁ ଜଳଲାଗି କରିଥିବା ଦେଖିବାକୁ ମିଳିଥିଲା । ଉକ୍ତ କାର୍ଯ୍ୟକ୍ରମ ମନ୍ଦିର କମିଟିର ସଦସ୍ୟ ଚକ୍ରଧର ସାହୁ, ଭୀମସେନ ସାହୁ,ପଙ୍କଜ କୁମାର ସାହୁ, ପ୍ରାଗିଜି ଭଗବାନ ପଢିଆର, ଯୁବ ସାମ୍ବାଦିକ ନାରାୟଣ ସାହୁ, ସମାଜସେବୀ ବୁଲୁ ପଟ୍ଟନାୟକ, ନିରନ ସାହୁଙ୍କ ସମେତ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, "ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଗାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱ୍ୱର୍କ ଓ ଆବଠକ୍ଷଷ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱ୍ୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷଷ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ

ନରଣପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନରଣପୁର ପଂଚାୟତର ନରଣପୁର ଗ୍ରାମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ଗର୍ଭବତୀ ଓ ପ୍ରସୂତୀ ମହିଳାମାନେ ଯୋଗ ଦେଇଥିଲେ । ନରଣପୁରର ମହିଳା ସ୍ୱାସ୍ଥ୍ୟକର୍ମୀ ସରସ୍ୱତୀ ସାହୁ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଶିବର ଚରଣ ବାଗ ଉପସ୍ଥିତ ରହି ଶିଶୁର ବିକାଶରେ ମା' କ୍ଷୀରର ଉପକାରିତା ସମ୍ପର୍କରେ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମ ୧.୦୮.୨୦୨୨ରୁ ଆରମ୍ଭ ହୋଇ ୦୭.୦୮.୨୦୨୨ରିଖରେ ଶେଷ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ନରଣପୁର ପଂଚାୟତର ବିଭିନ୍ନ ଗ୍ରାମର ଆଶା, ଅଙ୍ଗନୱାଡି କର୍ମୀ, ସିଏଚ୍‌ଓ କିରଣବାଳା ଜେନା, ଆଡିସ୍‌ନାଲ ଏଏନ୍‌ଏମ୍ ସ୍ୱର୍ଣ୍ଣପ୍ରଭା ପାତ୍ର, ସୁପରଭାଇଜର ନିରନ ବେଜ, କାଞ୍ଚନବାଳା ଦେଇ ପ୍ରମୁଖ ଉପସ୍ଥିତ ଥିଲେ।




# ପୋଲିସ କାର୍ଯ୍ୟାନୁଷ୍ଠାନ ଦାବୀରେ ଗଣଧାରଣା




କୋଣାର୍କ (ପିଏନ୍)-କୋଣାର୍କ ଥାନାନ୍ତର୍ଗତ ଶିମିଳି ଗ୍ରାମ ପଞ୍ଚାୟତରେ ଦୁଇ ରାଜନୈତିକ ଗୋଷ୍ଠିର ବିବାଦ ପାଇଁ ସରକାରଙ୍କ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ସରପଞ୍ଚଙ୍କ ସମର୍ଥକଙ୍କ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଘଟଣାରୁ ପ୍ରକାଶ ଯେ ଗତ ୩ ତାରିଖ ଦିନ ଶିମିଳି ଗ୍ରାମ ପଞ୍ଚାୟତରେ କିଛି ବ୍ୟକ୍ତି ସରପଞ୍ଚ ବିଶ୍ୱଜିତ ସ୍ୱାଇଁଙ୍କ ଅନୁପସ୍ଥିତିରେ ଶିମିଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବେଶ କରି କାର୍ଯ୍ୟରତ କର୍ମଚାରୀମାନଙ୍କୁ ମାରଧର କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସରକାରୀ କାଗଜାତ ଚିରାଚିରି କରି କିଛି ଫାଇଲ ନେଇ ଯାଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଲିଖିତ ଅଭିଯୋଗରୁ ଜଣାପଡିଛି କି ବିଜୟ କୁମାର ସେଠ୍, ଶରତ କୁମାର ବରାଳ, ଦୁଶ୍ମନ୍ତ କୁମାର ବରାଳ, ରଜନୀ ସେଠ୍, କୃଷ୍ଣମୋହନ ବାରିକ, ଲକ୍ଷ୍ମୀଧର ବାରିକ, ସନ୍ତୋଷ ବରାଳ ଓ ବଟକିଶୋର ସେଠ୍‌ଙ୍କ ସମେତ ୨୦ଜଣରୁ ଅଧିକ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବେଶ କରି ଏପରି କାଣ୍ଡ ଭିଆଇବା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ରଖିଥିବା ସରପଞ୍ଚ ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇ ବିଭିନ୍ନ ଦଫା ଲାଗିଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଘଣ୍ଟ ଘୋଡାଉଥିବା ଏବଂ ଉଦ୍ଦେଶ୍ୟମୂଳକ ଭାବେ ଶାସକଦଳର ଏହି ଗୋଷ୍ଠିର ବ୍ୟକ୍ତିମାନେ ବାରମ୍ବାର ଏପରି କରୁଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ଏମାନେ ନିର୍ଭୟରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଅରାଜକତା କରୁଥିବାରୁ ଶିମିଳି ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା କୋଣାର୍କ ଥାନା ସମ୍ମୁରେ ଧାରଣାରେ ବସିରହିଥିଲେ। ଲଗାଣ ବର୍ଷା ହେଉଥିଲେ ବି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବରିଷ୍ଠ ପୋଲିସ ଅଧିକାରୀମାନେ ଧାରଣାରତ ପଞ୍ଚାୟତବାସୀଙ୍କ ପାଖକୁ ଆସି ବୁଝାସୁଝା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରତ ପଞ୍ଚାୟତବାସୀମାନେ ଗଣଧାରଣାରୁ ହଟିଥିଲେ।

## ରେଳଲାଇନରେ ଯୁବକର ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ରେଳଷ୍ଟେସନ ନିକଟରେ ରେଳଲାଇନରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ ଏହି ଥାନା ଜାଏମା ପଂଚାୟତ ଅନ୍ତର୍ଗତ ଅନ୍ତପୁର ଗ୍ରାମର ବାବନ ସାହୁଙ୍କ ପୁଅ ପ୍ରତାପ ରାଉତ(୩୫) ବୋଲି ଜଣାପଡିଛି। ପ୍ରତାପ ଜାରକାସ୍ଥିତ ଏକ ଲୁଗା ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ସେ ଗତକାଲି ସକାଳୁ ଘରୁ ରାଗିଯାଇ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ପରେ ଗତକାଲି ଅପରାହ୍ନରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରୁ ମିଳିଥିଲା। ଖବର ପାଇ ଯାଜପୁର ରୋଡ ଜିଆରପି ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କୁ ଭେଟିଲା ସଂଗ୍ରାମୀ ଯୁବ ଛାତ୍ର ସଂଗଠନ

ଭୁବନେଶ୍ୱର (ପିଏନ୍): ଏକ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ 'ପୋଲ ନାହିଁ, ଭରାନଦୀରେ ପାର ହେଉଛନ୍ତି ୫୦ ପିଲା' ଶୀର୍ଷକ ରିପୋର୍ଟଟି ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ। ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ର ଘୁଗୁଡ଼ିପଡ଼ା ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ବୃଉଙ୍ଗ ନଦୀର କାଚପଲ୍ଲୀ ଓ ଖଡୁଡ଼ି ଘାଟ ଦେଇ ୫୦ରୁ ଊର୍ଦ୍ଧ୍ୱ ପିଲା ବିପଦଶଙ୍କୁଳ ଅବସ୍ଥାରେ ପାଠ ପଢ଼ିବା ପାଇଁ ଭରା ନଦୀ ଭିତର ଦେଇ ପାର ହେଉଛନ୍ତି। ଏହି ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାକୁ ନେଇ ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ତରଫରୁ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସହିତ ଆଲୋଚନା କରାଯାଇଥିଲା। ଶ୍ରୀମତୀ ପ୍ରଧାନ ଘଟଣାଟିକୁ ଗମ୍ଭୀରତାର ସହକାରେ ନେଇ ମାମଲାଟିକୁ ପଞ୍ଜିକୃତ କରିବା ସହ ବିଭାଗୀୟ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ ପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି। ଏହାସହ ପିଲାମାନେ ସ୍କୁଲକୁ ସୁବିଧାରେ ଯାଆସ କରିବା ପାଇଁ ଶୀଘ୍ର ସେତୁ ନିର୍ମାଣ ପାଇଁ ଆଦେଶ ଦେବେ ବୋଲି ପ୍ରତିଶୃତି ଦେଇଥିଲେ। ସଂଗ୍ରାମୀ ଯୁବଛାତ୍ର ସଂଗଠନର ସଂଯୋଜକ ମୀର ଅହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ସହସଂଯୋଜିକା ବିନ୍ଦୁଜା ଉପାଧ୍ୟାୟ, ସଞ୍ଚିତା ମହାନ୍ତି, ସହସଂଯୋଜକ ବିନୋଦ କୁମାର ରାଉତ ଶ୍ରୀମତୀ ପ୍ରଧାନଙ୍କୁ ଭେଟିଥିଲେ।

# ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ: ଦୁଇବର୍ଷ ପରେବି ଚାଲିପାରିଲାନି ପ୍ୟାସେଞ୍ଜର ଟ୍ରେନ୍






କେନ୍ଦ୍ରାପଡ଼ା (ପିଏନ୍): ବହୁ ପ୍ରତିକ୍ଷିତ ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ ସଂପୂର୍ଣ୍ଣ ହେବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ସେହି ରେଳପଥରେ ପ୍ୟାସଞ୍ଜର ଟ୍ରେନ୍ ଚାଲିପାରିଲା ନାହିଁ। ଏ ସମ୍ପର୍କରେ ରାଜନେତାଙ୍କ ସ୍ୱର ଧିରେ ଧିରେ ମଉଳି ଗଲାଣି। ଓଡିଶା ବିଧାନସଭାରେ ଜିଲ୍ଲାର ବିଧାୟକମାନେ ହରିଦାସପୁର-ପାରଦୀପ ରେଳପଥରେ ପ୍ୟାସେଞ୍ଜର ଟ୍ରେନ୍ ଚଲିବାକୁ ସ୍ୱର ଉତ୍ତୋଳନ କରୁଛନ୍ତି ନା ଲୋକସଭାରେ ଓଡିଶାର ସାଂସଦ ମାନେ ଏ ସମ୍ପର୍କରେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରୁଛନ୍ତି। କେନ୍ଦ୍ରାପଡା ପ୍ରତି ଏହା ଏକ ବୈମାତୃକ ମନୋଭାବ ବୋଲି ଜିଲ୍ଲାବାସୀ ଧରି ନେଲେଣି। ଓଡିଶାର ପ୍ରମୁଖ ବନ୍ଦର ଥିବା ସହରକୁ ସଂଯୋଗ କରୁଥିବା ପାରାଦୀପ-ହରିଦାସପୁର ରେଳପଥ ଦୀର୍ଘବର୍ଷର ଦାବି ପରେ ସମ୍ଭବ ହୋଇପାରିଛି। ଗତ୨୦୨୦ ମସିହା ଜୁଲାଇ ମାସ ୩୦ ତାରିଖରେ ଏହି ରେଳପଥରେ ପ୍ରଥମ କରି ମାଲବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା। ସେହି ସମୟରେ ଏହି ରେଳପଥରେ ଖୁବ୍ ଶୀଘ୍ର ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା। ଦୀର୍ଘ ୮୨ କି.ମି ବିଶିଷ୍ଟ ଏହି ରେଳପଥରେ ବିଭିନ୍ନ ସ୍ଥାନରେ ହୋଇଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିବ ବୋଲି ପୂର୍ବରୁ ରେଳପଥ ପକ୍ଷରୁ କୁହାଯାଇଥିଲା। ୧୯୯୭ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥ ଘୋଷଣା କରାଯାଇ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ୨୦୦୭ରେ ଶେଷ ହେବାର ଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ବିଳମ୍ବ ଘଟିଥିଲା। ୨୦୨୦ ଜୁନ୍‌ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରୀକ୍ଷାମୂଳକ ଭାବେ ମାଲବାହୀ ଟ୍ରେନ୍ ଚାଲିବା ଆରମ୍ଭ ହୋଇଥିଲା। ଏହି ରେଳପଥ ମଧ୍ୟରେ ୯ଗୋଟି ଷ୍ଟେସନ ରହିଛି। ସେଥିମଧ୍ୟରୁ ଯାଜପୁର ଜିଲ୍ଲାର ହରିଦାସପୁର, ଚଣ୍ଡିଖୋଲ, ରତ୍ନଗିରି ରୋଡ୍, ଲଳିତଗିରି, ବାଜିପଡା ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ମାର୍ଶାଘାଇ, କଳାଗଡ, ନୂଆଗାଁ ଓ ସିଜୁ ଷ୍ଟେସନ ରହିଛି। ଏହି ସବୁ ଷ୍ଟେସନ ଗୁଡିକକର ଉନ୍ନତିକରଣ କାର୍ଯ୍ୟ ରେଳ ବିକାଶ ନିଗମ ପକ୍ଷରୁ ହାତକୁ ନିଆଯାଇଛି। ତେବେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ହେତୁ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବା ସହିତ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳରେ ଅନିଶ୍ଚିତତା ଦେଖାଦେଇଛି। ୨୦୨୧ କେନ୍ଦ୍ର ବଜେଟରେ ଏହି ରେଳପଥ ପାଇଁ ଏକଶହ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିଲା। ଏହି ଅର୍ଥରେ ୨ ଜିଲ୍ଲାରେ ଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ସହ ଷ୍ଟେସନ ଗୁଡିକରେ ଯାତ୍ରୀ ବିଶ୍ରାମାଗର, ଶୌଚାଳୟ, ଅପେକ୍ଷାଗାର ପ୍ରଭୃତି ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। କିନ୍ତୁ ସେହି ଅର୍ଥକୁ ରେଳଷ୍ଟେସନ କାର୍ଯ୍ୟରେ ନିୟୋଜିତ କରାଯାଇନଥିବା ଅଭିଯୋଗ ହୋଇଛି। ଏହି ରେଳ ପ୍ରକଳ୍ପ ବିଷୟରେ ପୂର୍ବତଟ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସହ ଯୋଗାଯୋଗ କରିବାରୁ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ସେ କହିଛନ୍ତି। ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିଲେ ଜଗତସିଂହପୁର, ପାରାଦୀପ ସହିତ କେନ୍ଦ୍ରାପଡା, ଯାଜପୁର ପ୍ରଭୃତି ଜିଲ୍ଲାର ଲକ୍ଷାଧିକ ଲୋକ ଉପକୃତ ହୋଇପାରିବେ। ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଧୁଭୂଷଣ ମହାପାତ୍ରଙ୍କ କହିବା ଅନୁଯାୟୀ ଏହି ରେଳ ପ୍ରକଳ୍ପ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାବାସୀ ଜମି ଏବଂ ଭୂମି ହରାଇ ବହୁ କଷ୍ଟ ସ୍ୱୀକାର ସହିଛନ୍ତି। ଏଥିସହିତ ଏହି ରେଳ ପ୍ରକଳ୍ପ ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯେଉଁ ମାଟି ଯୋଗାଣ ହୋଇଛି, ତାହା ଆସନ୍ତା ଏକଶହ ବର୍ଷ ପର୍ଯ୍ୟନ୍ତ ପୁରଣ ହୋଇପାରିବ ନାହିଁ। ଏଥିସହିତ ଏହି ରେଳ ପ୍ରକଳ୍ପ ଯୋଗୁଁ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ପାଲଟିଛି। ଦୂରଦୃଷ୍ଟିର ଅଭାବ ଯୋଗୁଁ ଉଦବୃତ୍ତ ବର୍ଷା ଏବଂ ବନ୍ୟା ଜଳ ନିଷ୍କାସନ ନିମନ୍ତେ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁଁ ରେଳଧାରଣାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ଏହା ଏକ ଜୋର ଭଳି ଭ୍ରମ ସୃଷ୍ଟି କରିବା ସହିତ ହଜାର ହଜାର ଏକର ଜମିରେ ଜଳ ନିଷ୍କାସନ ହୋଇ ନପାରିବାରୁ ଫସଲ ହାନି ଘଟୁଛି। ତେଣୁ ତୁରନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## କେନାଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁର ପଂଚାୟତ ଅନ୍ତର୍ଗତ ଚାରବାଟିଆସ୍ଥିତ ଏକ କେନାଲରୁ ଗତକାଲି ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ଏହି ପଂଚାୟତ କୋହ୍ଲ ଗ୍ରାମର ମକର ସାହାଣୀ (୬୫) ବୋଲି ଜଣାପଡିଛି। ସେ ଗତକାଲି ସନ୍ଧ୍ୟାରେ ଘରୁ ଆସି ଆଉ ଫେରିନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ପାଇ ନଥିଲେ। ହେଲେ ଆଜି ଅପରାହ୍ନରେ ସ୍ଥାନୀୟ ଅଂଚଳର କିଛି ଲୋକ ଶୌଚ ହେବାକୁ କେନାଲକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ପରବର୍ତୀ ସମୟରେ ଏହା ସ୍ଥାନୀୟ କୋହ୍ଲ ଗ୍ରାମର ମକର ସାହାଣୀଙ୍କ ମୃତଦେହ ବୋଲି ସ୍ଥାନୀୟ ଲୋକେ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଧର୍ମଶାଳା ଥାନା ପୁଲିସ ସେଠାରେ ପହଁଚି ମୃତଦେହକୁ ଜବତ କରିବା ସହ ୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଭୁଲ ମାଗିବାରୁ ଠକକୁ ଛାଡ଼ିଦେଲା ପୋଲିସ୍

ଧର୍ମଶାଳା (ପିଏନ୍): ଭୁଲ୍ ମାଗିବାରୁ ଜଣେ ଠକକୁ ଛାଡ଼ିଦେଲା ପୋଲିସ୍। ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ମୁଣ୍ଡମାଳ ଗ୍ରାମର ଜଣେ ଯୁବକ ହନୁମାନ ପଇସା ଦେବ କହି କେତେକ ଲୋକଙ୍କ ଠାରୁ ଟଙ୍କା ଠକି ନେଇଥିଲା। ହନୁମାନ ପଇସା ଦେଇପାରୁ ନଥିବାରୁ ଟଙ୍କା ଦେଇଥିବା ଲୋକ ତାକୁ ମାରପିଟ୍ କରିଥିଲେ। ନିଜ ଗାଁରେ ତାକୁ ହଟହଟା ହେବାକୁ ପଡ଼ିଛି। ଜଣେ ଯୁବତୀଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରିବା ପାଇଁ ପ୍ରବର୍ତାଉଥିବା ବେଳେ ଧରା ପଡ଼ିଥିଲା। ପରିବାର ଲୋକ ଘଟଣା ସଂପର୍କରେ ଜାଣି କୋତପୁର ଫାଣ୍ଡିରେ ଏତଲା ଦେବା ପରେ ପୁଲିସ୍ ତାକୁ ଉଠାଇ ନେଇଥିଲା। ଫାଣ୍ଡିରେ ଉକ୍ତ ଯୁବତୀଙ୍କ ପରିବାର ଲୋକଙ୍କୁ ଭୁଲ୍ ମାଗିବା ସହ ମଧ୍ୟସ୍ଥିଙ୍କ ମାଧ୍ୟମରେ ଘଟଣାର ସମାଧାନ କରି ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ମୁଣ୍ଡମାଳ ଗ୍ରାମର ସଂପୃକ୍ତ ଯୁବକ ଏକ ର୍‍ୟାକେଟ୍ କରି ଧର୍ମଶାଳା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ଟଙ୍କା ଅଗ୍ରିମ ଆଣିଥାଏ। ଟଙ୍କା ଠକି ନେବାପରେ ଆଉ ଧରାଛୁଆଁ ଦିଏନାହିଁ। ଏଥିପାଇଁ ଉକ୍ତ ଯୁବକ ବହୁବାର ଲୋକଙ୍କ ଆକ୍ରୋଶର ଶିକାର ହୋଇଛି। ଏହା ସତ୍ତ୍ୱେ ନୂଆ ନୂଆ ସ୍ଥାନରେ ପହଞ୍ଚି ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ନିଜ ର୍‍ୟାକେଟ୍ ସହଯୋଗରେ ଟଙ୍କା ଲୁଟି ନେଉଥିଲା। ସେହିପରି ଝିଅପିଲାଙ୍କୁ ନାଚ ଶିଖାଇବ ବୋଲି କହି ସେମାନଙ୍କୁ ଅନୈତିକ କାମରେ ଲଗାଉଥିବା ନେଇ ତା' ନାଁରେ ବହୁ ଅଭିଯୋଗ ରହିଛି। ଏହିପରି ଅନେକ ଅଭିଯୋଗ ସ୍ଥାନୀୟ ଅଞ୍ଚଳର କିଛି ମଧ୍ୟସ୍ଥିଙ୍କ ମାଧ୍ୟମରେ ସମାଧାନ କରି ଉକ୍ତ ଯୁବକ ଆଇନ ଜାଲରୁ ଖସି ଯାଉଥିବା ଜଣାପଡ଼ିଛି।

# ଶିଶିର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା






କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅଙ୍ଗୁଳାଇ ନିକଟସ୍ଥ ଜରିପଡା ଗ୍ରାମରେ ସମାଜସେବୀ ଶିକ୍ଷକ ନେତା ଶିଶିର ଦାସଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅମୀୟ କୁମାର ନାୟକ ଗୀତାପାଠ କରିଥିଲେ। ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଙ୍ଗୁଳାଇ ଶାଖାର ସଭାପତି ରହିବା ସହ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ। ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସମ୍ପାଦକ କରୁଣାକର ଦାସ, ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଗୌରାଙ୍ଗ ଚରଣ ଲେଙ୍କା, ଅରବିନ୍ଦ ପରିଡା, ସୁରେଶ ଚନ୍ଦ୍ର ପଟ୍ଟନାୟକ, ନୀଳମାଧବ ରାଉତ, ନେତ୍ରାନନ୍ଦ କର, ବଳରାମ ସାହୁ, ଶ୍ରୀକାନ୍ତ ସାହୁ, ଉମାକାନ୍ତ ଦାସ ପ୍ରମୁଖ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିବାର ପକ୍ଷରୁ ସାନଜ୍ୱାଇଁ ଓ ନାତୁଣୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ଏବଂ ଅଞ୍ଚଳ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଜିଲ୍ଲାରେ ପ୍ରଥମ ଥର ତିନିଜଣ ଭିନ୍ନକ୍ଷମଙ୍କୁ ଥେରାପିଉଟିକ ସେବା ପାଇଁ ଭୁବନେଶ୍ୱର ପ୍ରେରଣ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭୁବନେଶ୍ୱରର ପୋଖରୀପୁଟ ଠାରେ ରାଜ୍ୟ ଭିନ୍ନକ୍ଷମ ଅନୁଷ୍ଠାନ ଗଠନ କରି ସେଠାରେ ଏକ ବର୍ଷରୁ ୧୪ ବର୍ଷ ମଧ୍ୟରେ ଆସୁଥିବା ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାର ଥେରାପିଉଟିକ ସେବା ଓ ସ୍ୱତନ୍ତ ଶିକ୍ଷା (ସଙ୍ଗୀତ, କଳା, କ୍ରାଫ୍ଟ) ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେଠାରେ ଅଭିଜ୍ଞ ପ୍ରଶିକ୍ଷକମାନେ ରହି ମାଗଣାରେ ଏହି ସେବା ଯୋଗାଇ ଦେଉଛନ୍ତି। ସେଠାରେ ରହୁଥିବା ଭିନ୍ନକ୍ଷମ ଓ ଜଣେ ସହାୟକଙ୍କ ରହିବା, ଖାଇବା ମାଗଣାରେ ଯୋଗାଇ ଦେବାର ବ୍ୟବସ୍ଥା ଅଛି। ଏପରିକି ତାଙ୍କ ଘରଠାରୁ ଉକ୍ତ ଅନୁଷ୍ଠାନ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ନେଇ ପହଞ୍ଚାଇବା ଓ ଫେରାଇଆଣି ଘରେ ପହଞ୍ଚାଇବାର ବ୍ୟବସ୍ଥା ରହିଛି।

ଏହି ମର୍ମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକର ଶଙ୍ଖପଦା ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ଦୁଇ ଯାଆଁଳା ପିଲା ଅହମ ସ୍ୱାଇଁ (୪ ବର୍ଷ) ଓ ଅହଲ୍ୟା ସ୍ୱାଇଁ (୪ ବର୍ଷ) ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ବଡମୂଳବସନ୍ତ ଗ୍ରାମର ବାଦଲ ମଲ୍ଲିକଙ୍କ ୬ବର୍ଷର ସାଇ ମଲ୍ଲିକଙ୍କ ଅଭିଭାବକଙ୍କୁ ବୁଝାଇ ଏକ ସ୍ୱତନ୍ତ୍ର ଗାଡିରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ପଠାଯାଇଛି। ସେମାନଙ୍କୁ ପ୍ରଶାସନ ଦୁଇଟି ସ୍ୱତନ୍ତ୍ର ଗାଡିରେ ତାଙ୍କ ଗ୍ରାମରୁ ଜିଲ୍ଲା କାର୍ଯ୍ୟାଳୟକୁ ଆଣିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗାପ୍ରସାଦ ମହାରଣା ଓ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ପିଲାମାନଙ୍କୁ ଖେଳନା ଓ ମିଠା ପ୍ୟାକେଟ ଦେଇ ସ୍ୱାଗତ କରିଥିଲେ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଏହି ନୂତନ ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରିବା ପରେ ଉଭୟ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଗାଡିକୁ ଭୁବନେଶ୍ୱର ଅଭିମୁଖେ ପଠାଇଥିଲେ। ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଭିନ୍ନକ୍ଷମଙ୍କୁ ସେବା ଯୋଗାଇଦେବାରେ ଅଗ୍ରାଧିକାର ଦେଉଥିବାର ପ୍ରମାଣ ଆଜିର ଏହି କାର୍ଯ୍ୟକ୍ରମ ଏକ ଅଂଶବିଶେଷ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି। ଏଭଳି ଏକବର୍ଷରୁ ୧୪ ବର୍ଷର ଭିନ୍ନକ୍ଷମ ପିଲାମାନେ ଯଦି ମାଗଣାରେ ଥେରାପିଉଟିକ ସେବା ଚାହାନ୍ତି ତେବେ ସ୍ଥାନୀୟ ବ୍ଲକ କିମ୍ବା ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଅଳପୁଆ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବୀ ଜୋର ଧରିଲା

କେନ୍ଦ୍ରାପଡ଼ା (ପିଏନ୍): ଚିର ବନ୍ୟା, ବାତ୍ୟା ପ୍ରପିଡିତ ଅଳପୁଆ ପଞ୍ଚାୟତ ଅଧିବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ହାଇସ୍କୁଲ ପରିସରରେ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି ପ୍ରଶାସନର କାଳକ୍ଷେପଣ ନୀତି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଧିବାସୀମାନଙ୍କୁ ନିରାଶ କରିଛି। ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳକୁ ସୁରକ୍ଷା ଦୃଷ୍ଟିକୋଣରୁ ଭାଙ୍ଗି ଦିଆଯାଇଥିଲା। କାରଣ ସଂପୃକ୍ତ କୋଠାର ନିର୍ମାଣ କାର୍ଯ୍ୟ ନିମ୍ନମାନର ଥିଲା। ତେବେ ସେହି ସ୍ଥାନରେ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପ୍ରଶାସନର ପ୍ରତିଶୃତି ପାଣିରେ ଗାର ସଦୃଶ ହୋଇଛି। ଏଥିପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଏ ସମ୍ପର୍କରେ ଅଳପୁଆବାସୀଙ୍କ ପକ୍ଷରୁ ପ୍ରଶାସନ ଓ ନେତୃମଣ୍ଡଳୀଙ୍କୁ ବାରମ୍ବାର ଅବଗତ ମଧ୍ୟ କରାଯାଇଛି। କିନ୍ତୁ ଅଦ୍ୟାବଧି କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅଳପୁଆ ପଞ୍ଚାୟତ ଅଧିବାସୀଙ୍କ ପକ୍ଷରୁ ସମାଜସେବୀ ଅକ୍ଷୟ କୁମାର ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।




# +୨ କଳା ପରୀକ୍ଷା ଫଳ ପ୍ରକାଶିତ: କେନ୍ଦ୍ରାପଡା କନିଷ୍ଠ ମହାବିଦ୍ୟାଳୟରେ ଫଳାଫଳ ୯୬.୫ପ୍ରତିଶତ

କେନ୍ଦ୍ରାପଡ଼ା,(ପି.ଏନ): +୨ କଳା ପରୀକ୍ଷା ଫଳ ସୋମବାର ସନ୍ଧ୍ୟାରେ ପ୍ରାକାଶ ପାଇଛି। କେନ୍ଦ୍ରାପଡା କନିଷ୍ଠ ମହାବିଦ୍ୟାଳୟରେ ୯୬.୫ପ୍ରତିଶତ ଫଳାଫଳ ହୋଇଥିବା କଲେଜ ପକ୍ଷରୁ ସୂଚନା ମିଳିଛି। କେନ୍ଦ୍ରାପଡା କନିଷ୍ଠ ମହାବିଦ୍ୟାଳୟରେ ମୋଟ ୨୫୭ଜଣ ଛାତ୍ରଛାତ୍ରୀ +୨ କଳା ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୪୮ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ୩ଜଣ ୯୦ପ୍ରତିଶତରୁ ଅଧିକ ମାର୍କ ରଖି ପାସ କରିଥିବା ବେଳେ ପ୍ରଥମ ଶ୍ରେଣୀରେ ୧୮୭ଜଣ, ଦ୍ୱିତୀୟ ଶ୍ରେଣୀରେ ୩୨ଜଣ ଓ ତୃତୀୟ ଶ୍ରେଣୀରେ ୨୯ଜଣ ପାସ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ଗ୍ରାମର ରମେଶ ଚନ୍ଦ୍ର ଦାସ ଓ ନଳିନୀପ୍ରଭା ଦାସଙ୍କ ଝିଅ ଜ୍ୟୋତିର୍ମୟୀ ଦାସ ୫୫୧ନମ୍ବର(୯୧.୮୩ ପ୍ରତିଶତ) ରଖି କଲେଜ ଟପ୍ପର ହୋଇଥିବା ବେଳେ କୁଶିଆପାଳ ବାଲିପାଟଣା ଗ୍ରାମର ଧନେଶ୍ୱର ପୃଷ୍ଟି ଏବଂ ପୁଷ୍ପଲତା ପୃଷ୍ଟିଙ୍କ ଝିଅ ପ୍ରିୟଦର୍ଶିନୀ ପୃଷ୍ଟି ୫୪୮ ନମ୍ବର ( ୯୧.୩୩ ପ୍ରତିଶତ)ରଖି ଦ୍ୱିତୀୟ ଓ କେନ୍ଦ୍ରାପଡା ସହରର ବଡବାରଙ୍ଗ ଗ୍ରାମର ଖଗେଶ୍ୱର ବାଇ ଏବଂ ମମତା ବାଇଙ୍କ ଝିଅ ମଧୁସ୍ମିତା ବାଇ ୫୪୧ନମ୍ବର( ୯୦.୧୬ ପ୍ରତିଶତ) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜ ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ଅଧାପକ ରଞ୍ଜିତ କୁମାର ଦାସ ପ୍ରମୁଖ କଲେଜ ଟପ୍ପର ହୋଇଥିବା ଛାତ୍ରୀଙ୍କ ସମେତ ସଫଳ ହୋଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ବୈଠକ

କେନ୍ଦ୍ରାପଡ଼ା, (ପି.ଏନ): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଆସନ୍ତା ୧୦ତାରିଖରେ ହେବାକୁ ଥିବା ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୩୮ତମ ଜୟନ୍ତୀ ପାଳନ ଉପଲକ୍ଷେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି କରୁଣାକର ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ପବ୍ଲିକ ରିଡିଙ୍ଗ ରୁମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତମାସ ୧୦ ତାରିଖରେ ହେବାକୁ ଥିବା ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୩୮ତମ ଜୟନ୍ତୀ ଅବସରରେ "ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର" ପୁସ୍ତିକା ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କରକମଳରେ ଉନ୍ମୋଚନ ହେବା ସମ୍ପର୍କରେ ଆଲୋଚନା ହୋଇଥିଲା।

# ଆନ୍ତର୍ଜାତିକ ନିର୍ମାଣ ଶ୍ରମିକ କର୍ମଚାରୀ ମହାସଂଘର ୨୭ ତମ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର ତା. ୦୮/୦୮/୨୦୨୨ ରିଖ : କମ୍ପା ଓ ମିନେରିଆଲ ଫଣ୍ଡ ସାମାଜିକ ବନିକରଣ ପାଇଁ ଖର୍ଚ୍ଚ କରିବାକୁ ଏବଂ ଜଙ୍ଗଲ ଶ୍ରମିକ ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କ ସାମାଜିକ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ରାସ୍ତା, ଗୃହ ଓ ଜଙ୍ଗଲ କର୍ମଚାରୀ ନିର୍ମାଣ ଶ୍ରମିକ ମହାସଂଘର ୨୭ ତମ ଜାତୀୟ ମହାସଂଘରେ ଦାବୀ କରାଯାଇଛି। ଅନ୍ୟ ପକ୍ଷରେ ନିର୍ମାଣ ଶ୍ରମିକଙ୍କ ପାଇଁ ଥିବା ୱେଲ ଫେୟାର ବୋର୍ଡ଼ର ସଭ୍ୟ ହେବା ଓ ନବୀକରଣ ପାଇଁ ସ୍ୱାସ୍ଥ୍ୟ ଚିକିତ୍ସା ଓ ଶିକ୍ଷା ପାଇଁ ଅନୁଦାନ ତଥା ମୃତ୍ୟୁ ବରଣ କରିଥିବା ଶ୍ରମିକଙ୍କୁ କ୍ଷତିପୁରଣ ଦେବା ପାଇଁ ଦରଖାସ୍ତ ପୂର୍ବପରି ଅଫ୍ ଲାଇନରେ କରିବା ପାଇଁ ଦାବୀ କରାଯାଇଛି। ଆନ୍ତର୍ଜାତିକ ଶ୍ରମିକ ସଂଗଠନର ଜୁନ୍ ୨୦୨୨ରେ ଅନୁଷ୍ଠିତ ହୋଇଥିବା ସମ୍ମିଳନୀର ପ୍ରସ୍ତାବ ଅନୁଯାୟୀ ସ୍ୱାସ୍ଥ୍ୟ ନିରାପତା, ସାମାଜିକ ସୁରକ୍ଷା ଓ ଶ୍ରମିକ ମାନଙ୍କର ମୌଳିକ ଅଧିକାର ଭାବେ ଗ୍ରହଣ କରି କେନ୍ଦ୍ର ସରକାର ଭାରତର ସମ୍ବିଧାନକୁ ସଂଶୋଧନ କରି ସ୍ୱାସ୍ଥ୍ୟ ନିରାପତା, ସାମାଜିକ ସୁରକ୍ଷାକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କଲେ ଶ୍ରମିକ କର୍ମଚାରୀଙ୍କ ସମତେ ଭାରତର ସମସ୍ତ ନାଗରିକ ଉପକୃତ ହେବେ ବୋଲି ଏହି ପ୍ରସ୍ତାବରେ କୁହାଯାଇଛି। ସର୍ବଭାରତର ଜଙ୍ଗଲ ଓ କର୍ମଚାରୀ ମହାସଂଘର ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ପୌରାହିତ କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟିର ସଂପାଦକ ରୁଦ୍ର ରାଜୁ, ବିଶ୍ୱ ନିର୍ମାଣ କର୍ମଚାରୀ ଓ ଜଙ୍ଗଲ ମହାସଂଘର ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳର ପ୍ରତିନିଧି ଆପୋଲିନାର ଟଲୋଂଟିନା ଓ ଶ୍ରୀମତୀ ପ୍ରେରଣା ପ୍ରସାଦ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଭାଷଣ ଦେଇ ନିର୍ମାଣ ଜଙ୍ଗଲ ଶ୍ରମିକ ମାନଙ୍କର ଦେଶ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ଏବଂ ଶ୍ରମିକ କର୍ମଚାରୀ ସହାୟତା ବିନା ଦେଶର ଉନ୍ନତି ସମ୍ଭବ ନୁହେଁ ବୋଲି ରୁଦ୍ର ରାଜୁ ମତବ୍ୟକ୍ତ କରିଛନ୍ତି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଆପୋଲିନାର ଟଲୋଂଟିନା, ଦକ୍ଷିଣ ଏସିଆରେ ନିର୍ମାଣ ଓ ଜଙ୍ଗଲ ଶ୍ରମିକ ତଥା ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ବିଶ୍ୱ ନିର୍ମାଣ ଓ ଜଙ୍ଗଲ ଶ୍ରମିକ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ୟୁନିଅନ ଅଧିକ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶା ତଥା ଭାରତ ବର୍ଷରେ କାମ କରୁଥିବା ଅଖିଳ ଭାରତ ନିର୍ମାଣ କର୍ମଚାରୀ ମହାସଂଘ ଦାବୀ ଓ ଆନ୍ଦୋଳନ କାର୍ଯ୍ୟକ୍ରମକୁ ଦୃଢ଼ ସମର୍ଥନ କରିଛନ୍ତି। ଦେଶ ଭିତରେ ଓ ବାହାରେ ବିଶେଷ ଭାବରେ କତାର ଓ ଆବୁଦାବୀ ଭଳି ଦେଶ ଗୁଡ଼ିକରେ କାମ କରୁଥିବା ଭାରତ ଓ ନେପାଳର ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ବିର୍ଶ୍ୱ ନିର୍ମାଣ କର୍ମଚାରୀ ମହାସଂଘରେ ଡଃ ରାମଚନ୍ଦ୍ର ଖୁଂଟିଆ ଆନ୍ଦୋଳନ ଜାରୀ ରଖିଛନ୍ତି।

# ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଦରମା ନଦେଇ ମାନସିକ ନିର୍ଯ୍ୟାତନା ଦେବା ଅଭିଯୋଗ

ଫୁଲବାଣୀ:-ଆଜି ସୋମବାର କନ୍ଧମାଳ ଜିଲ୍ଲାର ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଅଭିଭାବିକା ଏକଜୁଟ ହୋଇ ଫୁଲବାଣୀ ଜିଲ୍ଲା ଶିକ୍ଷା ଅଧିକାରୀ ଫୁଲବାଣୀ କାର୍ଯ୍ୟାଳୟ ଠାରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିବା ସହିତ ଏହାର ନକଲ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି ।ଯାହା ଲିଖିତ ଅଭିଯୋଗ ରହିଛି ଶ୍ରୀ ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟ ୧୯୮୦-୮୧ ମସିହାରୁ ସରକାରଙ୍କ ଅନୁମତି ପ୍ରକାରେ ପ୍ରାଥମିକ ବିଦ୍ୟାଳୟର ଜାଗା ଉପରେ ଅଦ୍ୟାବଧି ଚ଼ାଲି ଆସୁଥିଲା କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଶ୍ରୀ ସତ୍ୟସାଇ ଉଚ଼୍ଚ଼ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଅନୁସୂୟା ଆଚ଼ାର୍ଯ୍ୟ ଗତ ୨୦୨୦ ମସିହାରେ ପ୍ରଥମ ଶ୍ରେଣୀ, ୨୦୨୧ ମସିହାରେ ଦ୍ୱିତୀୟ ଶ୍ରେଣୀ, ୨୦୨୨ ମସିହାରେ ତୃତୀୟ ଶ୍ରେଣୀକୁ ବିଭିନ୍ନ ଆଳ ଦେଖାଇ ବନ୍ଦ କରିଦେଇଛନ୍ତି । ଚ଼ଳିତ ବର୍ଷ ଚ଼ତୁର୍ଥ ଏବଂ ପଂଚ଼ମ ଶ୍ରେଣୀ ବନ୍ଦ କରିବାକୁ ଆମ ଅଭିଭାବକମାନଙ୍କୁ ଡକାଇ ଧମକ ଦେବାରୁ ଆମେ ବାଧ ହୋଇ ପୂର୍ବତନ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲୁ । ଆମ ଉପସ୍ଥିତିରେ ପୂର୍ବତନ ଜିଲ୍ଲାପାଳ ମହୋଦୟା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଡକାଇ ପ୍ରାଥମିକ ବିଦ୍ୟାଳୟ ଯେପରି ପୂର୍ବବତ ସୁଚ଼ାରୁ ରୂପେ ଚ଼ାଲିବ ତାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ମହୋଦୟାଙ୍କ ଆଦେଶ ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ ମହୋଦୟ ପ୍ରାଥମିକ ବିଦ୍ୟାଳୟ ନିର୍ମିତ ଗଠନ ହୋଇଥିବା ନୂତନ କମିଟିକୁ ଅନୁମୋଦନ କରିବା ତଥା ବିଦ୍ୟାଳୟକୁ ଅନୁମତି ପ୍ରଦାନ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଆବେଦନ କରିବା ପାଇଁ କମିଟିର ସମ୍ପାଦକ ଶ୍ରୀ ବିଜୟ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଗତ ତା.୧୦,୦୫,୨୦୨୨ରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖତ ଭାବେ କମିଟି ତରଫରୁ ଆବେଦନ କରାଯାଇଅଛି । ପୁନର୍ବାର ଜିଲ୍ଲାପାଳ ମହୋଦୟ ତା.୦୨.୦୬.୨୦୨୨ ରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କମିଟି ଅନୁମୋଦନ ଓ ବିଦ୍ୟାଳୟକୁ ଅନୁମତି ପ୍ରଦାନ ନିମନ୍ତେ ଜଣାଇଥିଲେ । ଗତ ତା,୦୮,୦୭.୦୨୨ରିଖ ଦିନ ଶ୍ରୀ ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ବିଷୟରେ ପୁନର୍ବାର ନୂତନ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ତା.୧୫.୦୭.୨୦୨୨ ରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ପୁନର୍ବାର ପ୍ରାଥମିକ ବିଦ୍ୟାଳୟ ପରିଚ଼ାଳନା ନିମନ୍ତେ ନୂତନ କମିଟିକୁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲେ ମଧ ତାହା ବର୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ । ଉଚ଼୍ଚ଼ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଆଚ଼ାର୍ଯ୍ୟ ମହୋଦୟା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଚ଼ାରିମାସ ହେବ ଦରମା ନଦେଇ ଧମକ ଚ଼ମକ ଦେଇ ମାନସିକ ନିର୍ଯ୍ୟାତନା ଦେଉଛନ୍ତି। ଅଭିଭାବକ ମାନଙ୍କୁ ଡକାଇ ଗତ ତା.୦୫,୦୮.୨୦୨୨ ରିଖ ଦିନ ଧମକ ଦେବା ସହିତ ମାସିକ ଦେୟ ୨୦୦ ଟଙ୍କା ଦେବା ପାଇଁ ବାଧ କରୁଛନ୍ତି । ଜଣେ ସରକାରୀ ଅନୁଦାନ ପ୍ରାପ୍ତ ଉଚ଼୍ଚ଼ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୋଇଥିଲେ ମଧ ସେ କେଉଁ ଆଇନ୍ ଓ କାହା ଅନୁମତି ବଳରେ ଦୀର୍ଘ ବର୍ଷ ଧରି ଏକ ବେସରକାରୀ ପ୍ରାଥମିକ ବିଦ୍ୟାଳୟକୁ ତାଙ୍କ ଅଧିନରେ ରଖି ଟଙ୍କା ଆଦାୟ କରିବା କେତେଦୂର ଯୁକ୍ତିଯୁକ୍ତ ନ୍ୟାୟସଙ୍ଗତ ଓ ଆଇନ୍ ସମ୍ମତ ଆମେ ଜାଣିବାକୁ ଚ଼ାହୁଁଛୁ ବୋଲି ଅଭିଯୋଗ ହୋଇଛି । ଅତ୍ୟନ୍ତ ଦୁଃଖ ତଥା ପରିତାପର ବିଷୟ ଏହି ଯେ ଉଚ଼୍ଚ଼ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଆଚ଼ାର୍ଯ୍ୟ ମହୋଦୟା ପ୍ରାଥମିକ ବିଦ୍ୟାଳୟର କୋମଳମତି ଶିଶୁମାନଙ୍କୁ ଦୁବ୍ୟବହାର କରିବା ଏବଂ ଆମକୁ ବୈଠକକୁ ଡାକି ଡରାଇ ଧମକାଇ ଅପଶବ୍ଦ ପ୍ରୟୋଗ କରି ଅନୁଚ଼ିତ୍ ବ୍ୟବହାର ଦେଖାଇବା ଜଣେ ପ୍ରଧାନଶିକ୍ଷକଙ୍କ ପକ୍ଷରେ କେତେଦୂର ସୂହଣୀୟ ? ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଦୀର୍ଘଦିନ ଧରି ଦରମା ନଦେଇ ଭୟଭୀତ କରାଇ ରଖିବା ସତ୍ତ୍ୱ ? ସେମାନେ ମାନସିକ ଚ଼ାପରେ ରହି ମଧ ଆମ ପିଲାମାନଙ୍କୁ ଅକୁଣ୍ଠଚ଼ିତରେ ଶିକ୍ଷାଦାନ କରି ଚ଼ାଲିଛନ୍ତି । ଏ ସମସ୍ତ ବିଷୟକୁ ବିଚ଼ାରକୁ ନେଇ ଉପଯୁକ୍ତ ତଦନ୍ତ ପୂର୍ବକ ଏଭଳି ଏକ ଦିବ୍ୟ ଅନୁଷ୍ଠାନକୁ ନ୍ୟାୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରାଥମିକ ବିଦ୍ୟାଳୟଟିକୁ ଅନୁମତି ପ୍ରଦାନ ସହ ଏହାର ପରିଚ଼ାଳନା କମିଟିକୁ ଅନୁମୋଦନ ଦେବା ପାଇଁ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମସ୍ତ ଅଭିଭାବିକା ଅଭିଭାବକ ଅନୁରୋଧ କରିଛନ୍ତି । ନଚେତ ଆଗାମୀ ଦିନରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି ।


2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## କେନ୍ଦ୍ରାପଡା ଜିଲ୍ଲା ଶିକ୍ଷକ ମହାସଂଘ ସମ୍ମିଳନୀ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଶିକ୍ଷକ ମହାସଂଘ ଜିଲ୍ଲା ସମ୍ମିଳନୀ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ଡଃ. ଅମୀୟ କୁମାର ମହାନ୍ତି ଓ ଯୁଗ୍ମ ସାଧାରଣ ସମ୍ପାଦକ ଉମାକାନ୍ତ ପାତ୍ର ପ୍ରମୁଖ ଆମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ଶିକ୍ଷକ ମହାସଂଘକୁ ଦୃଢ଼ୀଭୂତ କରିବା ତଥା ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷା ବ୍ୟବସ୍ଥାକୁ ସମୁଳେ ଧ୍ୱଂସ କରିବା ପରିପ୍ରେକ୍ଷୀରେ ନିଜ ନିଜର ମତ ରଖିଥିଲେ।

# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## କ୍ରାଇମବ୍ରାଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ,ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ୨୩୭/ ୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

# ବୋନସ ଦାବି ନେଇ ଠିକା ଶ୍ରମିକମାନେ ବିଚାକୁଣ୍ଡି ଟାଟା ଷ୍ଟିଲ କାର୍ଯ୍ୟାଳୟ ଘେରାଉ



ଯୋଡା,(ପିଏନ)- ବର୍ଦ୍ଧିତ ହାରରେ ବୋନସ ଦାବି କରି ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଟାଟା ଷ୍ଟିଲ୍ ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ପରିଚାଳନାଧିନ ବିଚାକୁଣ୍ଡି ଓ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ ଅନୁବନ୍ଧିତ କରୋନେସନ ଇଣ୍ଡିଆ ପ୍ରାଇଭେଟ୍ ଲିଃ (ସିଆଇପିଏଲ) ନାମକ ଜୈନିକ ଖଣି ଠିକା ସଂସ୍ଥାରେ କାମ କରୁଥିବା ଶତାଧିକ ଠିକା ଶ୍ରମିକ ଗତକାଲି ଠାରୁ ବିଚାକୁଣ୍ଡି ମାଙ୍ଗାନିଜ ଖଣିର ଟାଟା ଷ୍ଟିଲ କାର୍ଯ୍ୟଳୟକୁ ଘେରାଉ କରିଥିବାର ଖବର ମିଳିଛି । ଶାନ୍ତି ଶୃଙ୍ଖଳା ନିମନ୍ତେ ଯୋଡା ପୁଲିସ ଘଟଣା ସ୍ଥଳରେ ନିୟୋଜିତ ରହିଥିବାର ସୂଚନାରୁ ପ୍ରକାଶ । ଅନ୍ୟପକ୍ଷେ ସମାନ କାରଣରୁ ସିଆଇପିଏଲ ଅଧିନରେ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ କାର୍ଯ୍ୟରତ ଶତାଧିକ ଠିକା ଶ୍ରମିକ ଗତ ୮ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବାର ଖବର ମିଳିଛି । ନିୟମ ମୁତାବକ ସିଆଇପିଏଲ ଉଭୟ ଖଣି ନିମନ୍ତେ ୮.୩୩ ଶତକଡା ବୋନସ ଘୋଷଣା ପରେ ଠିକା ଶ୍ରମିକଙ୍କ ପକ୍ଷରୁ ଅଧିକ ବୋନସ ଦାବିରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ମିଳିଛି । ତେବେ ୨୦୧୯ ରେ ବିଚାକୁଣ୍ଡି ଖଣି ଠିକା ଶ୍ରମିକ ୧୨ ଶତକଡାରୁ ଉର୍ଦ୍ଧ୍ୱ ରାଶି ପୂଜା ବୋନସ ଆକାରରେ ପାଇଥିବା ବେଳେ ୨୦୨୦ ଚଳିତ ବର୍ଷ ମହାମାରୀ କରୋନାକୁ ନେଇ ଆର୍ଥିକ ସ୍ଥିତି ଉଜାଡି ଯାଇଥିବା ହେତୁ କମ୍ପାନୀ କ୍ଷତି ସହୁଥିବାରୁ ବନୋସ ହାର ୮.୩୩ ଶତକଡା ଘୋଷଣା କରିଥିଲେ । ଏହାର ବିରୋଧ କରି ଶ୍ରମିକ ମାନେ ଟାଟା ଷ୍ଟିଲ ଅଫିସ ଘେରାଉ କରିବା ପରେ ଉକ୍ତ ଠିକାଦାର ୧୦.୫ ଶତକଡା ବଢାଇଥିଲେ ମଧ୍ୟ ଖଣ୍ଡବନ୍ଧ ଖଣି ଠିକା ଶ୍ରମିକ ୧୫ ଶତକଡା ପୂଜା ବୋନସ ପାଇଁ ଜିଦର ଅଟଳ ରହିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ, ୨୦୧୮ ଅଗଷ୍ଟ ମାସରୁ ସିଆଇପିଏଲ ସଂସ୍ଥା ସମ୍ପୃକ୍ତ ଖଣି ଦ୍ୱୟରେ ମାଙ୍ଗାନିଜ ଖନନ,ଉତ୍ତୋଳନ,ପରିବହନ ଓ ପ୍ରକ୍ରିୟାକରଣ ନିମନ୍ତେ ନିୟୋଜିତ ହୋଇ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରପକ୍ଷେ ପ୍ରିନ୍ସିପାଲ ଏମ୍ପ୍ଲୟର ଟାଟା ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ସହ ଚୁକ୍ତିନାମା ମୁତାବକ ଓ ନିୟମ ଅନୁଯାୟୀ ବିଗତ ଆର୍ଥିକ ବର୍ଷର ସେପ୍ଟେମ୍ବର ରୁ ମାର୍ଚ୍ଚ ସାତ ମାସ ନିମନ୍ତେ ୧୦.୫ ଶତକଡା ବୋନସ ଧାର୍ଯ୍ୟ ଘଟଣାକୁ ନ୍ୟାଯ୍ୟ ବୋଲି କହିବା ସହ କମ୍ପାନୀର ଅନ୍ୟ ଭେଣ୍ଡର ସମୂହ ସମାନ ବୋନସ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାର ସିଆଇପିଏଲ ପକ୍ଷରୁ ଏହାର ମହାପ୍ରବନ୍ଧକ ଅନୁଭବ ଦତ୍ତ ନିଜ ଜିଦରେ ଅଟଳ ଥିବାର ଖବର ମିଳିଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଖଣି ଠିକା ସଂସ୍ଥା ଓ ଠିକା ଶ୍ରମିକଙ୍କ ମଧ୍ୟରେ କୌଣସି ପ୍ରକାର ସହମତି ପ୍ରକାଶ ପାଇନଥିବାରୁ ଘଟଣା ସ୍ଥଳରେ ଚପା ଉତ୍ତେଜନା ଲାଗି ରହିଥିବା ସହ ଦାବି ପୂରଣ ନ ହେଲେ ଗତକାଲି ଠାରୁ ଖଡବନ୍ଧ ଖଣିକୁ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଚେତାବୀ ଦେଇଥିବା ଖବର ମିଳିଛି ।






# ସେନା ବାହିନୀରେ ନିଯୁକ୍ତି ପାଇଁ କେନ୍ଦୁଝର ଜିଲ୍ଲାର ଶିକ୍ଷିତ ଯୁବକ ମାନଙ୍କ ପାଇଁ ପ୍ରାକ୍ ତାଲିମ ଶିବିର

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ଶିକ୍ଷତ ବେକାର ଜନଜାତି ଯୁବକ ମାନଙ୍କ ପାଇଁ ସୈନ୍ୟ ବାହିନୀରେ (ଅଗ୍ନିବୀର) ନିଯୁକ୍ତି ନିମନ୍ତେ ତା ୧୨.୦୮.୨୦୨୨ରିଖରୁ ତା-୦୯.୦୮.୨୦୨୨ରିଖ ପର୍ଯ୍ୟନ୍ତ ଏକ ପ୍ରାକ୍ ତାଲିମ୍ ଶିବିର ଆୟୋଜନ କରିବା ପାଇଁ ସ୍ଥିରିକୃତ ହୋଇଛି । ଏଥି ନିମନ୍ତେ ତା-୧୨.୦୮.୨୦୨୨ରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, କେନ୍ଦୁଝର ପରିସରରେ ସ୍କ୍ରିନିଙ୍ଗ୍ କ୍ୟାମ୍ପ୍ ଆୟୋଜିତ ହେବ । ଏହି କ୍ୟାମ୍ପ୍‌ରେ ପ୍ରାର୍ଥୀଙ୍କର ଶାରୀରିକ ଫିଟ୍‌ନେସ୍ ଓ ପ୍ରାକ୍ ମେଡିକାଲ ଟେଷ୍ଟ କରାଯାଇ ପ୍ରାକ୍ ତାଲିମ ଶିବିର ପାଇଁ ପ୍ରାର୍ଥୀ ଚୟନ କରାଯିବ । କେନ୍ଦୁଝର ଜିଲ୍ଲାରେ ଓମ୍ୱାଡିସି ବ୍ଲକ ଯଥା- ଯୋଡା, ହରିଚନ୍ଦନପୁର, ଝୁମ୍ପୁରା, ହାଟଡିହି ଏବଂ ବାଂଶପାଳ ବ୍ଲକର ପ୍ରାର୍ଥୀ ମାନଙ୍କୁ ଏହି ଚୟନ ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଯିବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ସୂଚନା ଦେଇଛନ୍ତି । ସ୍କ୍ରିନିଙ୍ଗ କ୍ୟାମ୍ପକୁ ଆସିବା ବେଳେ ପ୍ରାର୍ଥୀ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର, ମାର୍କସିଟ୍, ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ଆବାସିକ ପ୍ରମାଣପତ୍ର ସହିତ ପ୍ରାର୍ଥୀଙ୍କ ଜାତିଗତ ପ୍ରମାଣପତ୍ର ନିହାତି ଆଣିବା ଆବଶ୍ୟକ ବୋଲି ସୂଚନା ଦେଇଛନ୍ତି । ଭାରତୀୟ ସେନା ବାହିନୀରେ (ଅଗ୍ନିବୀର) ନିମନ୍ତେ ବିଭିନ୍ନ ପଦପଦବୀରେ ନିଯୁକ୍ତି ପାଇଁ ତାଲିମ୍ ଦିଆଯିବା ପ୍ରାର୍ଥୀ ତା-୦୧.୧୦.୧୯୯୯ ରୁ ତା-୦୧.୦୪.୨୦୦୫ ମଧ୍ୟରେ ଜନ୍ମଗ୍ରହଣ କରିଥିବ (୧୭ରୁ ୨୩ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ) । ବିଭିନ୍ନ ବର୍ଗ ପାଇଁ ପ୍ରାର୍ଥୀଙ୍କର ଉଚ୍ଚତା ୧୬୨ ସେ.ମି.ରୁ ୧୬୯ ସେମି, ଓଜନ ୪୪କି.ଗ୍ରା.ରୁ ୫୦ କି.ଗ୍ରା.,ଛାତି ୬୭ ସେ.ମି.ରୁ ୭୭ ସେ.ମି. (୫ ସେ.ମି. ସମ୍ପ୍ରସାରଣ) ଓ ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ପାସ୍‌ରୁ +୨ ହୋଇଥିବା ଆବଶ୍ୟକ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆର୍ମି ରିକ୍ୟୁଟିଙ୍ଗ୍ ଅଫିସ ସମ୍ବଲପୁର ଜଣାଇଛନ୍ତି ଯେ ଆସନ୍ତା ସେପ୍ଟେମ୍ବର ୦୯.୦୯.୨୦୨୨ରିଖରେ କେନ୍ଦୁଝର, ସମ୍ବଲପୁର,ସୁନ୍ଦରଗଡ, ବରଗଡ, ଅନୁଗୁଳ, ଦେବଗଡ, ଝାରସୁଗୁଡା, ସୁବର୍ଣ୍ଣପୁର, ବଲାଙ୍ଗୀର ଏବଂ ଢେଙ୍କାନାଳ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀ ମାନଙ୍କ ପାଇଁ ଆର୍ମି ରିକ୍ରୁଟ୍‌ମେଣ୍ଟ (ଅଗ୍ନିବୀର) ରାଲି ଅନୁଷ୍ଠିତ ହେବ । ଏଥି ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଯଥା ସମୟରେ ଇଣ୍ଡିଆନ୍ ଆର୍ମି ୱେବ୍ ସାଇଟ୍ www.joinindianarmy.nic.in ରେ ନାମ ପଂଜିକରଣ କରିଥିବା ଆବଶ୍ୟକ । ରିକ୍ରୁମେଣ୍ଟ ରାଲି ଅନୁଷ୍ଠିତ ହେବାର ୧୫ ଦିନ ପୂର୍ବରୁ ଏହି ୱେବ୍ ସାଇଟ୍‌ରୁ ପିକୃତ ପ୍ରାର୍ଥୀମାନେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ ବୋଲି ଆର୍ମି ରିକ୍ୟୁଟିଙ୍ଗ୍ ଅଫିସର ସମ୍ବଲପୁର ପକ୍ଷରୁ ସୂଚନା ଦିଆଯାଇଛି ।

# ଘଟଗାଁରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶିବିର

ଘଟଗାଁ/କେନ୍ଦୁଝର,(ପି.ଏନ):ଆଜି ଘଟଗାଁ ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦୁଝର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଆଶିଷ ଠାକରେ, ଆରକ୍ଷୀ ଅଧିକ୍ଷକ ମତ୍ରଭାନୁ ମହାପାତ୍ର, ଜିଲ୍ଲାପରିଷଦ, କେନ୍ଦୁଝରର ମୁଖ୍ୟ ଉନ୍ନନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ତପନ ନାୟକ, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ତହସିଲଦାର ଜନକ ନାୟକ, ବିଡିଓ ନାରାୟଣ ସାହୁ ପ୍ରମୁଖ ଜନସାଧାରଣଙ୍କ ଅଭିଯୋଗ ଗୁଡିକୁ ତର୍ଜମା କରିବା ସହ ଆନୁଷଙ୍ଗିକ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ । ଜିଲ୍ଲାର ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ସମୁଦାୟ ୪୪ ଗୋଟି ଅଭିଯୋଗ ଆସିଥିବା ବେଳେ ସେଗୁଡିକୁ ଗୁରୁତ୍ୱ ଦେଇ ଏହାର ଅନୁପାଳନ ଜିଲ୍ଲା କାର୍ଯ୍ୟାଳୟକୁ ଯଥାଶୀଘ୍ର ପ୍ରେରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ଏହି ଶିବିରକୁ ଆସିଥିବା ୧୨ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଏସାଇକେଲ ଓ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା ।

# ରାଜ୍ୟ କଂଗ୍ରେସର ଅଗଷ୍ଟ ୯-୧୪ ପ୍ରତ୍ୟେକ ଜିଲ୍ଲାର ୭୫ କି.ମି. ପଦଯାତ୍ରା



ଭୁବନେଶ୍ୱର,(ପି.ଏନ): ଅଖିଳ ଭାରତ ଜାତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶାନୁକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ଆସନ୍ତା ଅଗଷ୍ଟ-୯ କ୍ରାନ୍ତି ଦିବସରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ଏବଂ ୧୪୭ ବିଧାନସଭା କ୍ଷେତ୍ରରେ ୭୫ କି.ମି. ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ଶ୍ରୀ ପଟ୍ଟନାୟକ ଭାରତଛାଡ଼ ଆନ୍ଦୋଳନ ଅବ୍ୟବହିତ ପୂର୍ବରୁ କହିଥିଲେଯେ ସ୍ୱାଧୀନତା ପ୍ରାପ୍ତି ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ବମ୍ବେ ଅଧିବେସନରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦିଆଗଲା । କର ବା ମର ନିଷ୍ପତ୍ତିକୁ ଗ୍ରହଣ କରି ପଣ୍ଡିତ ଜବାହରଲାଲ ନେହେରୁ, ଶ୍ରଦ୍ଧାର ବଲ୍ଲଭ ଭାଇ ପଟେଲ, ସୁବାଷ ଜନ୍ଦ୍ର ବୋଷ, ମୌଲାନା ଅବୁଲ କାଲାମ ଆଜାଦ, ମହମ୍ମଦ ଅଲ୍ଲୀ ଜିନା, ଅଶୋକ ମେହେଟ୍ଟା, ଚକ୍ରବର୍ତ୍ତି ରାଜଗୋପାଳ ଆଚାରି, ଡ. ରାଜେନ୍ଦ୍ର ପ୍ରସାଦ, ଅରୁଣ ଆସଫ ଅଲ୍ଲି, ଇତ୍ୟାଦି ବହୁ ତୁଙ୍ଗ ନେତା ତଥା ଭାରତବର୍ଷର ଆବାଳ ବୃଦ୍ଧ ବନିତା ଭାରତ ଛାଡ଼ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ଦୀର୍ଘ ବର୍ଷର ଅତ୍ୟାଚାରୀ ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ଭାରତ ବର୍ଷର ଛାତ୍ରଛାତ୍ରୀ, କୃଷକ ଶ୍ରମିକ, ମହିଳାଙ୍କ ବୁଦ୍ଧିଜୀବି ମାନେ ଲଢ଼େଇ କରି ଏବଂ ବହୁ ଜୀବନ ବଳିଦାନ ପରେ ଏ ଦେଶକୁ ସ୍ୱାଧୀନତା ମିଳିଥିଲା । ସ୍ୱାଧୀନତା ପରେ ପରେ ଏ ଦେଶରେ ଗୋଟିଏ ଛୁଂଚି କାରଖାନାଟିଏ ମଧ୍ୟ ନଥିଲା । କିନ୍ତୁ ଦୂରଦର୍ଶୀ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଯୋଗୁଁ ଭାରତବର୍ଷର ବହୁମୁଖି ନଦୀବନ୍ଧ ଯୋଜନା କରାଯାଇଥିଲା । ୧୯୫୦ ମସିହାରେ ଆଇଆଇଟି କରାଯାଇଥିଲା, ୧୯୫୬ ମସିହାରେ ଏମସ କରାଯାଇଥିଲା ୧୯୬୧ ମସିହାରେ ଆଇଆଇଏମ ପ୍ରତିଷ୍ଠା କରାଯାଇଥିଲା, ୧୯୬୪ ମସିହାରେ ଭେଲ କରାଯାଇଥିଲା, ୧୯୭୪ ମସିହାରେ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା । ୧୯୬୯ ମସିହାରେ ଇସ୍ରୋ କରାଯାଇଥିଲା, ୧୯୫୮ ମସିହାରେ ଡିଆରଡିଓ, ୧୯୬୩ ମସିହାରେ ଥୁମ୍ବା ରକେର୍ଟ ଲଂଚି ପ୍ରତିଷ୍ଠା କରାଯାଇଥିଲା । ଖାଦ୍ୟ ଶସ୍ୟ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାପାଇଁ ସବୁଜ ବିପ୍ଳବର ଡାକରା ଦିଆଯାଇଥିଲା । ଦୁଗ୍ଧ କ୍ଷେତ୍ରରେ ସ୍ୱାବିଲମ୍ବି ହେବାପାଇଁ ଶ୍ୱେତ ବିପ୍ଳବର ଡାକରା ଦିଆଯାଇଥିଲା । ଆଜି ୮ ବର୍ଷ ଭିତରେ ଜାତୀୟ ସଂପତି ବିକିବା ଛଡ଼ା ଗୋଟିଏ ବି ଜାତୀୟ ସଂପଦ ସୃଷ୍ଟି କରିବାରେ ନଜିର ନାହିଁ । ଠିକ ସେହିଭଳି ଭାବରେ ଦୀର୍ଘ ୨୨ ବର୍ଷର ଶାସନ ଭିତରେ ଆଜି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏ ସବୁ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ । ଡାକ୍ତରଖାନା ଅଛି ଡାକ୍ତର ନାହାନ୍ତି, ସ୍କୁଲ ଅଛି ଶିକ୍ଷକ ନାହାନ୍ତି ତେଣୁ ୭୫ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ଏ ସରକାର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛନ୍ତି । ଆଜି ଦେଶକୁ ଜାତି ଧର୍ମ ନାମରେ ଭାଗ ଭାଗ କରାଯାଉଛି । ହିଂସା, ଦ୍ୱେଷ, ଘୃଣାର ମି ପୋତାଯାଉଛି । ଏଭଳି ଭାରତ ବର୍ଷର ସ୍ୱପ୍ନ ଆମର ମହା ମୁନିଷମାନେ ଦେଖିନଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଆଜି ଅସମ୍ମାନିତ କରାଯାଉଛି । ତାଙ୍କ ଫଟୋ ଚିତ୍ର ରଖି ତା ଉପରକୁ ଗୁଳିବର୍ଷଣ କରୁଛନ୍ତି । ତିରଙ୍ଗା ଆମ ହୃଦୟ ଭିତରେ ରହିଛି ଏବଂ ତ୍ରିରଙ୍ଗା ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି । ତ୍ରିରଙ୍ଗା ଆମ ଜାତୀୟ ପତାକା ଆମେ ସବୁଦିନ ଏହାକୁ ଉଡାଉଛୁ କିନ୍ତୁ ୧୯୪୭ ମସିହା ପାଖରୁ ଦୀର୍ଘ ୫୨ ବର୍ଷ ଧରି ଆରଏସଏସ ଜାତୀୟ ପତାକାକୁ କେବେହେଲେ ନିଜ କାର୍ଯ୍ୟାଳୟ ମାନଙ୍କରେ ଉଡାଇ ନାହିଁ । ଜାତୀୟ ସଂଗୀତକୁ ମଧ୍ୟ କେବେ ଗାନ କରନ୍ତି ନାହିଁ । ଏମାନଙ୍କୁ ପାଖରୁ ଜାତୀୟତା ବାଦ କିଛି ଶିଖିବାର ଆବଶ୍ୟକତା ନାହିଁ । ଆସନ୍ତା କାଲି ଅଗଷ୍ଟ କ୍ରାନ୍ତି ଦିବସ ଏବଂ ବିଶ୍ୱ ଜନଜାତି ଦିବସ । ଲକ୍ଷ୍ମଣ ନାୟକ, ବିର୍ସା ମୁଣ୍ଡା ଏବଂ ହଜାର ହଜାର ଜନଜାତିମାନେ ଏହି ଭାରତକୁ ସ୍ୱାଧୀନ କରିବାପାଇଁ ନିଜ ଜୀବନକୁ ବଳିଦାନ ଦେଇଛନ୍ତି ।

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ହୃଦ୍‌ରୋଗର ମାଗଣା ଅସ୍ତ୍ରୋପଚାର:ହୃଦ୍‌ରୋଗର ଅସ୍ତ୍ରୋପଚାର ନିମନ୍ତେ ୭ ଜଣ ଶିଶୁ ହାଓ୍ୱଡା ଗଲେ




କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ତା ୦୭.୦୮.୨୦୨୨ରିଖ ରବିବାର ରାତ୍ର ୯ ଘଟିକାରେ ହୃଦ୍‌ରୋଗରେ ପିଡିତ ଥିବା ୦୭ ଜଣ ଶିଶୁଙ୍କୁ ମାଗଣା ଅସ୍ତ୍ରୋପଚାର ନିମନ୍ତେ ପଶ୍ଚିମବଙ୍ଗର ହାଓ୍ୱଡା ସ୍ଥିତ ନାରାୟଣ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌କୁ ପ୍ରେରଣ କରାଯାଇଛି । ଚିକିତ୍ସା ନିମନ୍ତେ ଯାଇଥିବା ବିଭିନ୍ନ ବ୍ଲକ୍‌ର ଶିଶୁମାନେ ଯଥା - ହାଟଡିହି-୦୧, କେନ୍ଦୁଝର ସଦର-୦୩, ଘଷିପୁରା-୦୧, ଚମ୍ପୁଆ-୦୧ ଏବଂ ହରିଚନ୍ଦନପୁର-୦୧ ଜଣ ଲେଖାଏଁ ଶିଶୁ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ମୁଖ୍ୟ ଚିକିତ୍ସାଳୟରୁ ବସ୍ ଯୋଗେ ପଶ୍ଚିମବଙ୍ଗର ହାଓ୍ୱଡାକୁ ଯିବା ପାଇଁ ବିନା ମୂଲ୍ୟରେ ଗମନାଗମନ ଏବଂ ସେମାନଙ୍କର ଅସ୍ତ୍ରୋପଚାରର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର ଏବଂ ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉକ୍ତ ୦୭ ଜଣ ଶିଶୁଙ୍କୁ ବିନା ମୂଲ୍ୟରେ ହୃଦରୋଗର ଅସ୍ତ୍ରୋପଚାର ନିମନ୍ତେ ହାଓ୍ୱଡା ସ୍ଥିତ ନାରାୟଣ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌କୁ ପଠାଯାଇଛି । ଏଥି ସହିତ ହୃଦରୋଗରେ ପୀଡିତ ଥିବା ଶିଶୁମାନଙ୍କର ସହାୟତା ନିମନ୍ତେ ଆର୍.ବି.ଏସ୍.କେ. କେନ୍ଦୁଝରର ଫାର୍ମାଷିଷ୍ଟ୍ ବିଜୟ ମାଧବ ମହାନ୍ତଙ୍କୁ ସାଙ୍ଗରେ ପଠାଯାଇଛି ।

# ପଥର ବୋଝେଇ ଟ୍ରକ ଜବତ ଚାଳକ ଫେରାର

ଖୋର୍ଦ୍ଧା,(ପିଏନ): ବେଗୁନିଆ ଥାନା ଅଂଚଳରେ ବେଆଇନ ଭାବରେ ପଥର ଚୋରା ଚାଲାଣ କରୁଥିବା ବେଳେ ଚଢାଉ କରି ମାଫିଆ ମାନଙ୍କର ଭୟର ସଂଚାର ସୃଷ୍ଟି କରି ଗାଡି ଗୁଡିକ ଜବତ କରିଥାନ୍ତି । ଏହି ଚଢାଉରେ ଭୟଭିତ ହୋଇ ମାଫିଆ ମାନେ ପ୍ରଶାସନର କର୍ମଚାରୀ ମାନଙ୍କୁ ବିଭିନ୍ନ ପ୍ରକାର ଭୟ ଦେଖାଇ ଗାଡି ଗୁଡିକୁ ଜୋର ଜବରଦସ୍ତ ଭାବରେ ନେଇ ଫେରାର ହୋଇ ଯାଇଥାନ୍ତି । ଗତକାଲି ବିଳମ୍ବିତ ସନ୍ଧ୍ୟାରେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କ ନିର୍ଦ୍ଦେଶରେ ଉପନିରୀକ୍ଷକ ଉମାକାନ୍ତ ବେହେରା କର୍ମଚାରୀ ମାନଙ୍କ ସହିତ ରାଉତପଡା,ଡିଙ୍ଗର ଓ ପରିଛଳ ସମେତ ବିଭିନ୍ନ ଅଂଚଳରେ ଚଢାଉ କରିଥିବା ସମୟରେ ଓଆର୦୨ଏବି୭୨୭୯ ନମ୍ବର ବିଶିଷ୍ଟ ପଥର ବୋଝେଇ ଟ୍ରକଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ । ଏଥିରେ ଟ୍ରକ ଚାଳକ ଜଣକ ନିରୂପାୟ ହୋଇ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ପୁଲିସ ପକ୍ଷରୁ ୧୯୪/୨୨ରେ ଏକ କେସ ରୁଜୁ କରି ଘଟଣା ତଦନ୍ତ କରୁଛି ।

# ଲଗାଣ ବର୍ଷା ଯୋଗୁଁ ଧୋଇଗଲା ରାସ୍ତା ଯାତ୍ରୀ ହେଉଛନ୍ତି ହୀନସ୍ତା



ଖୋର୍ଦ୍ଧା,(ପିଏନ):ଲଗାଣ ଲଘୁଚାପ ବର୍ଷା ଯୋଗୁଁ ବାଙ୍କୀ-ଶୀମୋର ରାସ୍ତାଟି ଧୋଇ ହୋଇଯାଇ ବଡ ବଡ ଗର୍ତ୍ତ ସୃଷ୍ଟି ହେବା ଫଳରେ ଯାତାୟତ କରୁଥିବା ଲଘୁ ଯାନ,ଭାରୀଯାନ,ଯାତ୍ରୀବାହୀ ବସ ଗୁଡିକ ଯାତାୟତରେ ବାଧାପ୍ରାପ୍ତ ହେଉଛି । ସୂଚନା ଯୋଗ୍ୟ ଯେ ଏହି ରାସ୍ତାଟିରେ ପ୍ରତିଦିନ ଶହଶହ ସଂଖ୍ୟାରେ ମୋଟରଯାନ ଗୁଡିକ ବାଙ୍କୀ ଯିବା ପାଇଁ ଯାତାୟତ କରୁଥିବା ବେଳେ ପିଡବ୍ଲୁଡି ବିଭାଗ ପକ୍ଷରୁ ରାସ୍ତାର କେବେ କେମିତି ଲୋକ ଦେଖାଣିଆ ଭାବରେ ମରାମତି କାର୍ଯ୍ୟ କରାଯାଇଥାଏ ।ତେବେ ଏଠାରେ ପ୍ରଶ୍ନ ଉଠୁଛି ଗତ ମାସ ୨୧ ତାରିଖରେ ଦୈନିକ ''ପର୍ଯ୍ୟବେକ୍ଷକ'' ଖବର କାଗଜରେ ''ମରଣ ଯାନ୍ତା ପାଲଟିଛି ଶିମୋର-ବାଙ୍କୀ ରାସ୍ତା ''ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ସଚେତନ ହୋଇ ବଡ ବଡ ଗାତ ଗୁଡିକରେ କ୍ରସର ଡଷ୍ଟ ବିଛାଇ ସମତୁଲ କରି ଦିଆ ଯାଇଥିଲା । ଏହି କ୍ରସର ଡଷ୍ଟ ଗୁଡିକ ଲଘୁଚାପ ଜନିତ ଲଗାଣ ବର୍ଷାରେ ଧୋଇ ହୋଇ ରାସ୍ତା ଉପରେ ପାଣି ଜମି ଲୋକ ମାନଙ୍କ ମନରେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି । ପ୍ରଶାସନର ଏଭଳି ବେପରୁଆ ମନୋଭାବ ଯୋଗୁଁ ପ୍ରାୟ ୧୧ କିମି ରାସ୍ତା ନଷ୍ଟ ହୋଇ ଧନ ଜୀବନ ହାନୀର ଯଥେଷ୍ଟ ଆଶଙ୍କା ରହିଥିବାରୁ ସଜାଗ ରହି ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଂଚଳବାସୀ ମାନେ ଦାବୀ କରିଛନ୍ତି । ସେହିପରି କୋଟପଲା-ବାସୁଦେବପୁର ପୂର୍ତ୍ତ ବିଭାଗ ରାସ୍ତାର ମଲ୍ଲିପଦର-ବାସୁଦେବପୁର ମଧ୍ୟରେ ରାସ୍ତା ଉପରେ ପ୍ରାୟତଃ ଆଣ୍ଠୁ ତଳକୁ ପାଣି ଜମି କଟକ ଜିଲ୍ଲାର ବାଙ୍କୀ ବ୍ଲକ ଉପଖଣ୍ଡର ଲୋକମାନେ କଂଟାବାଡ ଓ ବେଗୁନିଆ ହେଉଥିବା ପରିବା ହାଟକୁ ଯିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସୂଚନା ଥାଉକି ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜମି ମାଲିକମାନେ ନିଜର ଜମିକୁ ମାଟି ପକାଇ ସମତୁଲ କରିଦେବା ଫଳରେ ଉଚ୍ଚ ଯାଗାରୁ ପାଣି ଆସି ରାସ୍ତା ଉପରେ ନିଷ୍କାସନ ହୋଇ ନପାରି ଜମି ରହୁଛି ।ଫଳରେ ଡ୍ରେନେଜ ନଥିବାରୁ ପାଣି ନିଷ୍କାସନ ହୋଇ ନପାରିବାର ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରଦାନ କରିଛନ୍ତି । ଏ ନେଇ ବେଗୁନିଆ ବ୍ଲକ ପୂର୍ତ୍ତ ବିଭାଗର ସ୍ଥାନୀୟ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ବୋଲି କହିବା ସହ ଛୁଟିରେ ଥିବାରୁ କର୍ମଚାରୀ ପଠାଇ ସମସ୍ୟା ସମ୍ପର୍କରେ ବୁଝିବେ ବୋଲି କହିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray